## ସଂକ୍ଷେପରେ

### ଭାଜପା ରାଜ୍ୟ ସଭାପତିଙ୍କୁ ସମସ୍ୟା ଜଣାଇଲେ ଟୋଲ୍‌ଗେଟ୍ କର୍ମଚାରୀ

ଭଣ୍ଡାରିପୋଖରୀ,୨୩।୮ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ନଂ. ଜାତୀୟ ରାଜପଥର ଭାଗଡ଼ା–ନାରାୟଣପୁର ଟୋଲ୍‌ଗେଟ କର୍ମଚାରୀମାନେ ଶୁକ୍ରବାର ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଜଣାଇଛନ୍ତି। ସେ ଭଦ୍ରକ ଆସୁଥିବା ବେଳେ ଟୋଲ୍‌ଗେଟ କର୍ମଚାରୀମାନେ ତାଙ୍କୁ ଭେଟି ସେମାନଙ୍କ ସମସ୍ୟା ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଦଳର ବିଧାନସଭା ନିର୍ବାଚନମଣ୍ଡଳୀ ନେତା ଡ. ସୁଧାଂଶୁ ନାୟକ, ମଣ୍ଡଳ ସଭାପତି ଗିରିଶ ଚନ୍ଦ୍ର ସାମଲ, ଦଳୀୟ ନେତା ଜଗବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ବିଭିନ୍ନ ଦାବି ନେଇ ଟୋଲ୍‌ଗେଟ୍ କର୍ମଚାରୀମାନେ ଦୀର୍ଘଦିନ ଧରି ଧାରଣା ଜାରି ରଖିଛନ୍ତି।

# କିଏିଆ କଲାଣି କଳାହୀରା
# ବଢ଼ିଚାଲିଛି ଚଳନ୍ତା ଟ୍ରେନ୍‌ରୁ ଚୋରି

- ରୋଜଗାରର ପନ୍ଥା ପାଲଟିଛି
- ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଟ୍ରେନ୍‌ରୁ କୋଇଲା ଖସାଉଛନ୍ତି

ଭଦ୍ରକ,୨୩।୮ (ସନାତନ ରାଉତ)

ଲୋକଙ୍କୁ କିଏିଆ କଲାଣି କଳାହୀରା। ଧାମରା–ଭଦ୍ରକ ରେଳପଥରେ ଟ୍ରେନ୍‌ରୁ କୋଇଲା ଚୋରି କାରବାର ଦିନକୁ ଦିନ ବଢ଼ି ଚାଲିଛି। ରେଳ ଲାଇନରେ ୨୫ ହଜାର ଭୋଲ୍ଟର ବିଦ୍ୟୁତ୍ ତାର ତଳେ ଅଭିନବ ଉପାୟରେ ନିୟମିତ ଚଳନ୍ତା ରେଳ ୱାଗନରୁ କୋଇଲା ଚୋରି ଚାଲିଛି। ବିନା ମୂଳଧନରେ ଦୈନିକ ନଗଦ ଅର୍ଥ ମିଳୁଥିବାରୁ ବଡ଼ଲୋକ ହେବା ପାଇଁ ଟ୍ରେନ୍ ଲାଇନ ନିକଟସ୍ଥ କିଛି ଲୋକଙ୍କର କଳାହୀରା କାରବାରର ନିଶା ବଢ଼ିଯାଇଛି। ଚୋରା କୋଇଲା ସହଜରେ ବିକ୍ରି ହୋଇପାରୁଥିବାରୁ ଚୋରିର ପରିମାଣ ବଢ଼ିବା ସହ ଚୋରି କରୁଥିବା କିଛି ଯୁବକ ନିଶା ସେବନରେ ଲିପ୍ତ ରହୁଛନ୍ତି। କୋଇଲା ଚୋରିକୁ ରୋକିବାରେ ବନ୍ଦର କମ୍ପାନୀ, ପୋଲିସ ଓ ପ୍ରଶାସନର ଆନ୍ତରିକତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଭଦ୍ରକରୁ ଧାମରା ପ୍ରାୟ ୬୨ କିଲୋମିଟର ଲମ୍ବର ଧାମରା–ଭଦ୍ରକ ରେଳପଥରେ ଟ୍ରେନ୍‌ରୁ କୋଇଲା ଚୋରି ହେଉଛି। ଧାମରା ରେଳପଥକୁ ଲାଗିଥିବା ଭଦ୍ରକ ଜିଲାର ବାସୁଦେବପୁର, ସାବରଙ୍ଗ, ତିହିଡ଼ି, ଚାନ୍ଦବାଲି ଆଦି ଅଞ୍ଚଳରେ ଚୋରା କୋଇଲା କାରବାର ବୃଦ୍ଧି ପାଉଛି। ଚାନ୍ଦବାଲି ବ୍ଲକରୁ ଚୋରା କୋଇଲା ଉଭୟ ଜଳ ଓ ସ୍ଥଳପଥରେ ପଡ଼ୋଶୀ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାକୁ ଚାଲାଣ ହେଉଛି। କୋଇଲା ମାଫିଆଙ୍କ ସହ ପୋଲିସର ମଧୁର ସମ୍ପର୍କ ଥିବାରୁ ଏହି ଚୋରା ଚାଲାଣ ସହଜ ହେଉଛି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ବେଳେ ବେଳେ ପୋଲିସ କିଛି ଗାଡ଼ି ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। କିନ୍ତୁ ଚୋରା କୋଇଲା ବ୍ୟବସାୟର ମାଷ୍ଟରମାଇଣ୍ଡମାନଙ୍କୁ ଧରିବାରେ ବିଫଳ ହେଉଛି। ଧାମରାଠାରୁ ବାଂଶଡ଼ା ପର୍ଯ୍ୟନ୍ତ ଟ୍ରେନ୍ ଧୀର ଗତିରେ ଯାଉଥିବାରୁ ଟ୍ରେନ୍‌ରୁ କୋଇଲା ଚୋରି କରିବା ସହଜ ହେଉଛି। ବେଳେ ବେଳେ ଜିଲା ପୋଲିସ ଓ ଧାମରା ବନ୍ଦର କମ୍ପାନୀର ସୁରକ୍ଷା କର୍ମଚାରୀଙ୍କ ସହଯୋଗରେ ଚାନ୍ଦବାଲି, ସାବରଙ୍ଗ, ବାସୁଦେବପୁର, ତିହିଡ଼ି ବ୍ଲକର କେତେକ ଗାଁରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଚୋରା କୋଇଲା ଜବତ ହେଉଛି। ଗାଁ ଗାଁରେ ଏତେ ପରିମାଣରେ କୋଇଲା ଗଚ୍ଛିତ ରହୁଛି, ସତେ ଯେମିତି ଗାଁ ଏବେ କୋଇଲା ଖଣି ପାଲଟିଛି। ଜବତ କୋଇଲାର କେହି ଦାବିଦାର ନ ଥିବାରୁ


ଟ୍ରେନ୍‌ରୁ କୋଇଲା କାଢ଼ିବା ପାଇଁ ଯୁବକ ଖୁଣ୍ଟରେ ଚଢ଼ିଛନ୍ତି।

ଗିରଫ ବ୍ୟକ୍ତି ସହଜରେ କୋର୍ଟରୁ ମୁକୁଳି ଯାଉଛନ୍ତି। ଫଳରେ କୋଇଲା ଚୋରଙ୍କ ନାମରେ ଏକାଧିକ ମାମଲା ପୋଲିସ ରୁଜୁ କଲେ ମଧ୍ୟ କୋଇଲା ଚୋରିକୁ ରୋକିବା ସମ୍ଭବ ହେଉନାହିଁ।

ରେଳପଥ ନିକଟସ୍ଥ ଚାନ୍ଦବାଲି ବ୍ଲକର ମାଣିପୁର, ନୂଆସାହି, ବଳସାହି, ଶୁଭଦିଆ, ବିରିହରପୁର, ଜନ୍ତୁଆଳି, ବିଶ୍ୱନାଥପୁର, ବାଂଶଡ଼ା, ଛେଡ଼ାକ, ତେନ୍ତୁଳିଆଡିଆ, ଗଙ୍ଗାଧରପୁର, ନୂଆଗାଁ, ଗୁଆଁଳ, ଶଙ୍ଖଯୋଡ଼ି, ଗୋବିନ୍ଦପୁର, ନରସିଂହପୁର, ଓରାମାଳ, କଇଥଖୋଲା, କନକପ୍ରସାଦ ପରି କେତେକ ଗାଁ ରହିଛି। ଦୈନିକ ଏହି ରାସ୍ତାରେ ୨ରୁ ୩ ଥର କୋଇଲା ବୋଝେଇ ଟ୍ରେନ୍ ଯାତାୟାତ କରୁଛି। ଟ୍ରେନ୍ ଲାଇନ ପାର୍ଶ୍ୱ ପ୍ରତି ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଲମ୍ବା ଆଙ୍କୁଡ଼ି ସାହାଯ୍ୟରେ ଟ୍ରେନ୍‌ରୁ କୋଇଲା ଖସାଯାଉଛି। ଟ୍ରେନ୍ ଚାଲିଯିବା ପରେ ଖଣ୍ଡ କୋଇଲା ଗୋଟାଇବାକୁ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ ରେଳ ଧାରଣା କଡ଼ରେ ଜମା ହେଉଛନ୍ତି। ଏହି କାମରେ ପିଲାଠାରୁ ବୁଢ଼ା ଯାଏ ନିୟୋଜିତ ହେଉଥିବାରୁ ଏହା ଏକ ରୋଜଗାରର ପନ୍ଥା ପାଲଟିଛି। ଟ୍ରେନ୍‌ରୁ କୋଇଲା ଲୁଟ୍ କରାଯାଇ ରାତିରେ ଚୋରା ଚାଲାଣ ହେଉଛି। ଖଣ୍ଡ କୋଇଲାରୁ ଜାଳେଣି କୋଇଲା ପ୍ରସ୍ତୁତ, ଶୁଖାଇବା, ସାଇକେଲରେ ଗାଁକୁ ଗାଁ ନେଇ ବୁଲି ବିକ୍ରି କରିବା, ଗାଡ଼ିରେ କୋଇଲା ବୋଝେଇ କରିବା, କୋଇଲା ଗାଡ଼ିକୁ ସୁରକ୍ଷା ଦେବା, କୋଇଲା ବୋଝେଇ ଗାଡ଼ିକୁ ଥାନା ଫାଣ୍ଡି ଇଲାକା ପାର୍ କରାଇବା ପାଇଁ ଦଲାଲି ପରି କାମରେ ଅନେକ ଲୋକ ଲାଗିଛନ୍ତି। ଧାତୁ ଓ ଖଣିଜ ପଥର ତରଳାଇବାକୁ ଉଦ୍ଦିଷ୍ଟ ଉଚ୍ଚମାନର ଆନ୍ଥ୍ରାସାଇଟ କୋଇଲା ଶସ୍ତାରେ ମିଳୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅଧିକାଂଶ ଘରେ ଏହା ଜାଳେଣି ଭାବେ ବ୍ୟବହୃତ ହେଉଛି। ଏନେଇ ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ କହିଛନ୍ତି, ପୋଲିସ ପକ୍ଷରୁ ଏନେଇ ଧରପଗଡ଼ ଜୋରଦାର କରାଯାଉଛି। ଚୋରା ଚାଲାଣ ରୋକିବା ପାଇଁ ବିଭିନ୍ନ ଚେକ୍‌ପୋଷ୍ଟରେ ପୋଲିସ ମୁତୟନ କରାଯାଇଛି। ଗାଡ଼ି ଜବତ ସହ ବ୍ୟବସାୟରେ ସମ୍ପୃକ୍ତ ଲୋକଙ୍କୁ ମଧ୍ୟ ଗିରଫ କରାଯାଉଛି। ଆଗ ଅପେକ୍ଷା କୋଇଲା ଚୋରି କମିଛି। ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା କହିଛନ୍ତି, ଟ୍ରେନ୍‌ରୁ କୋଇଲା ଚୋରି ରୋକିବା ପାଇଁ ୱାଗନ୍‌ରେ ପାଲ ଢାଙ୍କି ନେବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। କିଛି ଟ୍ରେନ୍‌ରେ ଏବେ ପାଲ ଢାଙ୍କି ନିଆଯାଉଥିବା ବେଳେ ଆଉ ଅଳ୍ପ କିଛି ଟ୍ରେନ୍‌ରେ କୋଇଲା ଖୋଲାରେ ଯାଉଛି। ଚୋରି ରୋକିବାକୁ ସବୁବେଳେ ପାଟ୍ରୋଲିଂ କରାଯାଉଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗାଁ ଗାଁରେ ଚଢ଼ାଉ କରାଯାଇ ଗଚ୍ଛିତ କୋଇଲାକୁ ଡିପିସିଏଲ୍‌କୁ ହସ୍ତାନ୍ତର କରାଯାଉଛି।

### ଗଞ୍ଜେଇ ସହ କାର୍ ଜବତ, ୩ ଗିରଫ

ଭଦ୍ରକ,୨୩।୮ (ସନାତନ ରାଉତ)

ଭଦ୍ରକ ଜିଲା ୧୬ନଂ. ଜାତୀୟ ରାଜପଥର ଭଣ୍ଡାରିପୋଖରୀ ଥାନା ଅଧୀନ ଭାଗଡ଼ା–ନାରାୟଣପୁର ଟୋଲ୍‌ଗେଟ୍‌ରେ ଗୁରୁବାର ରାତିରେ ଚୋରା ଗଞ୍ଜେଇ ନେଇଯାଉଥିବା ଏକ କାର୍‌କୁ ଟାଉନ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ଏକ ନାଲି ରଙ୍ଗର ୱାଗନର୍ କାର୍ (ଓଡି ୦୧ ଏଏକ୍ସ ୦୪୨୭)ରେ ଚୋରାରେ ଗଞ୍ଜେଇ ପରିବହନ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ଭଦ୍ରକ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଏକ ଟିମ୍ ସହ ଟୋଲ୍‌ଗେଟ୍ ନିକଟରେ ଜଗି ରହିଥିଲେ। କଟକ ଆଡୁ ଆସୁଥିବା କାର୍‌ଟି ୨ନମ୍ବର ଗେଟ୍‌ରେ ପ୍ରବେଶ କରିବା ମାତ୍ରେ ଗାଡ଼ିକୁ ଅଟକାଇ ଚାଳକ ଓ ସେଥିରେ ଥିବା ୨ ଯୁବକଙ୍କୁ କାବୁ କରିଥିଲେ। କାର୍‌ରେ ୨୭ କେଜି ଗଞ୍ଜେଇ ଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୭୦ ହଜାର ହେବ ବୋଲି ସିଟି ଡିଏସ୍‌ପି ସୂଚନା ଦେଇଛନ୍ତି। କାର୍ ଚାଳକ ବିଜୟ ମେଣ୍ଡୁଲି(୨୭) ଓ ରାଧାକାନ୍ତ ଭୋଇ(୩୦) ବୌଦ୍ଧ ଜିଲାର ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ଭଦ୍ରକ ପୁରୁଣାବଜାରର ପୀତାମ୍ବର ନାୟକଙ୍କୁ ଗିରଫ କରାଯାଇଛି। ଏନେଇ ମାମଲା (ନଂ. ୪୮୬/୨୪) ରୁଜୁ କରାଯାଇଛି। ବ୍ରହ୍ମପୁରରୁ ଏକ ରାକେଟ୍ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଜଣାପଡ଼ିଛି। ତଦନ୍ତ ଜାରି ଥିବାରୁ ଏନେଇ ପୋଲିସ ତଥ୍ୟ ଗୋପନ ରଖିଛି।

# ଶିକ୍ଷୟିତ୍ରୀଙ୍କ ନିଲମ୍ବନ ପ୍ରତିବାଦରେ ଧାରଣା



ବିଦ୍ୟାଳୟ ଆଗରେ ଧାରଣାରତ ଛାତ୍ରୀଛାତ୍ର।

ଭଣ୍ଡାରିପୋଖରୀ,୨୩।୮ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ସରସଦା ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଶୁକ୍ରବାର ଶିକ୍ଷୟିତ୍ରୀଙ୍କ ନିଲମ୍ବନ ପ୍ରତିବାଦରେ ଧାରଣା ଦେଇଥିଲେ। ଶିକ୍ଷକ ଅଭାବ ଥିବାବେଳେ ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ ଯୋଗୁ ଶିକ୍ଷାଦାନ ପ୍ରଭାବିତ ହେବା ଅଭିଯୋଗ କରି ଛାତ୍ରୀଛାତ୍ର ପୂର୍ବାହ୍ନରେ ସ୍କୁଲ ଫାଟକ ଆଗରେ ଧାରଣା ଦେଇ ବସି ରହିଥିଲେ।

ପ୍ରକାଶ ଯେ, ଗୁରୁବାର ଗଣଶିକ୍ଷା ବିଭାଗ ଉପନିର୍ଦ୍ଦେଶିକା ସୁଜାତା ପଣ୍ଡା, ଜିଲା ଶିକ୍ଷାଧିକାରୀ ଅକ୍ରୂର ବାରିକ, ବିଇଓ ଅଧିର କୁମାର ତରାଇ ଓ ଜିଲା ଶିକ୍ଷା ସଂଯୋଜକ କାର୍ଯ୍ୟାଳୟର ଜେଣ୍ଡର ସଂଯୋଜିକା ଇପ୍ସିତା ଜେନା ଏହି ବିଦ୍ୟାଳୟକୁ ଅନୁଧ୍ୟାନ କରିବାକୁ ମଧ୍ୟାହ୍ନ ୧୨ଟା ୩୦ରେ ଆସି ପହଞ୍ଚିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନୁପସ୍ଥିତ ଥିବାବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ସ୍ୱାଇଁ ଶ୍ରେଣୀକକ୍ଷରେ ଶିକ୍ଷାଦାନ ସାରି ଅଧଘଣ୍ଟାଏ ବିଳମ୍ବରେ କାର୍ଯ୍ୟାଳୟକୁ ଫେରିଥିଲେ। କାର୍ଯ୍ୟାଳୟରେ ଏତେ ସମୟ ଅପେକ୍ଷା କରିଥିବା ଅଧିକାରୀମାନେ ଶିକ୍ଷୟିତ୍ରୀ ସ୍ୱାଇଁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ସେ ଭୟଭୀତ ହୋଇ ନୋଟିସ୍ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରିଥିଲେ। ଅନୁପସ୍ଥିତ ଥିବା ପ୍ରଧାନଶିକ୍ଷୟିତ୍ରୀଙ୍କ ୩ଦିନ ଓ ଅନ୍ୟ ଜଣେ ଶିକ୍ଷକଙ୍କ ଗୋଟିଏ ଦିନ ଉପସ୍ଥାନରେ ଅଧିକାରୀ ଛକି ମାରିଥିଲେ। ଉପସ୍ଥାନ ଖାତା ଅପ୍‌ଡେଟ୍ ହୋଇ ନ ଥିବା ଓ ଶିକ୍ଷୟିତ୍ରୀ ଡ୍ରେସ୍‌କୋଡ୍ ପିନ୍ଧି ନ ଥିବାରୁ ଜିଲା ଶିକ୍ଷାଧିକାରୀ ଆଦେଶ ସଂଖ୍ୟା ୭୦୯୩/୨୨।୮।୨୦୨୪ ଅନୁଯାୟୀ ନିଲମ୍ବନ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ନିଲମ୍ବନର କାରଣ ଦର୍ଶାଇ ଭଣ୍ଡାରିପୋଖରୀ ହାଇସ୍କୁଲରେ ଉପସ୍ଥାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଧାରଣା ଖବରପାଇ ତହସିଲଦାର ସରୋଜକାନ୍ତ ନାୟକ, ବିଆର୍‌ସିସି ଅକ୍ଷୟ କୁମାର ଜେନା, ଏବିଇଓ ଉମେଶ ଯେନା ଓ ଶିକ୍ଷା ସଂଯୋଜକ ବିଶ୍ୱରଞ୍ଜନ ଷେଣ୍ଠ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲେ। ଥାନାଧିକାରୀ ବୀରେନ୍ଦ୍ର ସେନାପତି ଓ ବିଇଓ ଅଧିର କୁମାର ତରାଇ ପହଞ୍ଚି ତୁରନ୍ତ ଅନ୍ୟ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ପାଣିରେ ପଶି ଯିବାବେଳେ କାମୁଡ଼ିଲା ସାପ

ଭଣ୍ଡାରିପୋଖରୀ,୨୩।୮ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ସରସଦା ମାସ୍ତାନିସାହି ରାସ୍ତାରେ ଏବେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ଜମି ରହିଛି। ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଲୋକେ ରାସ୍ତାକୁ ଅବରୋଧ କରିଥିବାରୁ ସଂକୀର୍ଣ୍ଣ ରାସ୍ତାରେ ଜଳ ନିଷ୍କାସନ ନାଳ ନିର୍ମାଣ ହୋଇପାରୁ ନାହିଁ। ଶୁକ୍ରବାର ଲକ୍ଷ୍ମୀପ୍ରିୟା ଷେଣ୍ଠ ନାମ୍ନୀ ଜଣେ ବାଳିକା



ରାସ୍ତାରେ ଜମି ରହିଥିବା ପାଣିରେ ପଶି ଯାଉଥିବା ବେଳେ ତାଙ୍କୁ ସାପ କାମୁଡ଼ିଛି। ସେ ଏବେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତେବେ ବର୍ଷ ବର୍ଷ ଧରି ଲାଗି ରହିଥିବା ଏହି ସମସ୍ୟାର ସମାଧାନ ପାଇଁ ଉକ୍ତ ସାହିର ଚିତ୍ତରଞ୍ଜନ ଷେଣ୍ଠ, ମଧୁସୂଦନ ଷେଣ୍ଠ, ଉମାକାନ୍ତ ପ୍ରଧାନ ପ୍ରମୁଖ ସ୍ଥାନୀୟ ତହସିଲଦାରଙ୍କୁ ଜବରଦଖଲ ଉଚ୍ଛେଦ ଲାଗି ଦରଖାସ୍ତ କରିଥିଲେ। ଅଭିଯୋଗ ପାଇ ତହସିଲଦାର ସରୋଜକାନ୍ତ ନାୟକ ଘଟଣାସ୍ଥଳ ପରିଦର୍ଶନ କରିଥିବା ବେଳେ ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ବାସ ହରାଇଲେ ଆଦିବାସୀ ପରିବାର


ବାସଗୃହ ଭାଙ୍ଗିବା ପରେ ଜିନିଷପତ୍ର ସହ ଆଦିବାସୀ ପରିବାର।

### ଦ୍ୱିତୀୟ ପର୍ଯ୍ୟାୟ ଜବରଦଖଲ ଉଚ୍ଛେଦ

ଭଦ୍ରକ,୨୩।୮ (ସନାତନ ରାଉତ/ରବିନାରାୟଣ ଖିଲାର)

କିଛିଦିନର ବିରତି ପରେ ପୌରପାଳିକା ଓ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଭଦ୍ରକ ସହରରେ ଦ୍ୱିତୀୟ ପର୍ଯ୍ୟାୟ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ରାଜଘାଟ ପୋଲ ନିକଟ ଶନିମନ୍ଦିର ଛକଠାରୁ ବାଇପାସ୍ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଛି। ବାଇପାସ୍ ଛକ ନିକଟରେ ରହୁଥିବା ୧୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ଏହି ଉଚ୍ଛେଦରୁ ବାଦ୍ ପଡ଼ିନାହାନ୍ତି। ସେମାନଙ୍କ ଘର ଭାଙ୍ଗି ଦିଆଯାଇଥିବାରୁ ସେମାନେ ବାସହରା ହୋଇଛନ୍ତି। ସେମାନଙ୍କୁ ପର୍ଯ୍ୟାପ୍ତ ସମୟ ଦିଆ ନ ଯାଇ ଘର ଭାଙ୍ଗିଦେବାରୁ ଘରୁ ଜିନିଷପତ୍ର କାଢ଼ିବାକୁ ସମୟ ମିଳି ନ ଥିବା ସେମାନେ ପ୍ରକାଶ କରିଛନ୍ତି।

ଗୁରୁବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଘର ଖାଲି କରିବାକୁ କୁହାଯାଇଥିଲା। ଶୁକ୍ରବାର ସକାଳୁ ଉଚ୍ଛେଦ ଆରମ୍ଭ ହେଲା। ୫୦ ବର୍ଷରୁ ଊର୍ଦ୍ଧ୍ୱ ଧରି ବାପଅଜା ଅମଳରୁ ସେମାନେ ଏଠାରେ ରହି ଆସୁଥିଲେ। ଘର ଭାଙ୍ଗିଦେବା ପରେ ପିଲାଛୁଆ ଧରି କେଉଁଠି ରହିବେ ବୋଲି କହିଛନ୍ତି ଓଲି ମୁଣ୍ଡା। ଅଗଷ୍ଟ ପହିଲାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୫ ଦିନର ଉଚ୍ଛେଦ ପରେ ଭଦ୍ରକ ଜିଲାପାଳଙ୍କର ବଦଳି ଯୋଗୁ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରହିଥିଲା। ଏହି ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରହିବାକୁ ନେଇ ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନା ହେଉଥିଲା। ଆଉ ଉଚ୍ଛେଦ ହେବ ନାହିଁ ବୋଲି ଆଲୋଚନା ହେଉଥିଲା। ସବୁ ଆଲୋଚନାର ଅନ୍ତ ଘଟାଇ ୧୫ ଦିନ ପରେ ପୁଣିଥରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବାରୁ ଜବରଦଖଲରେ ଥିବା ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଓ ପୁରୁଣାବଜାର ଥାନାଧିକାରୀ ନିରୋଜ ସାମଲଙ୍କ ନେତୃତ୍ୱରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲା।

# ଚୋର ରାକେଟ୍ ଠାବ, ରାତିରେ ମଞ୍ଚାରେ ରହୁଥିଲେ


ଜବତ ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

### ୩ ଗିରଫ, ଚୋରି ସାମଗ୍ରୀ ଜବତ

ତିହିଡ଼ି,୨୩।୮ (ସଞ୍ଜିତ ବଳ)

ତିହିଡ଼ି ସମେତ ବିଭିନ୍ନ ଥାନା ଅଞ୍ଚଳରେ ଚୋରି ସହ ସମ୍ପୃକ୍ତ ଏକ ଚୋର ରାକେଟ୍ ତିହିଡ଼ି ପୋଲିସ ଠାବ କରିଛି। ରାତିରେ ଗଛରେ ମଞ୍ଚା ବାନ୍ଧି ରହୁଥିବା ବେଳେ ଏହି ରାକେଟ୍‌ର ୩ଜଣଙ୍କୁ ପୋଲିସ ଧରିଛି। ଶୁକ୍ରବାର ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ୨ଜଣ ଫେରାର ଥିବା ଖବରଦାତା ସମ୍ମିଳନୀରେ ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି। ଗିରଫ ୩ ଅଭିଯୁକ୍ତ ହେଲେ ରାଢ଼ଙ୍ଗ ଗ୍ରାମର ପରମେଶ୍ୱର ନାୟକ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ସେରପୁର ଗ୍ରାମର ବଳରାମ ଜେନା ଓ ଗଗନ ବିହାରୀ ଜେନା। ଚୋରି ସମୟରେ ସେମାନେ ବ୍ୟବହାର କରୁଥିବା ଅଟୋକୁ ମଧ୍ୟ ପୋଲିସ ଜବତ କରିଛି।

ଶୁକ୍ରବାର ତିହିଡ଼ି ଥାନା ପରିସରରେ ଆହୂତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସାହୁ ସୂଚନା ଦେଇ କହିଛନ୍ତି ଯେ, ଗତ କିଛିଦିନ ତଳେ ତାଳପଦା ପଞ୍ଚାୟତର ବଡ଼ଆ ମହିଳା ମହାସଂଘ କାର୍ଯ୍ୟାଳୟରୁ ଚୋରି ହୋଇଥିଲା। ମହାସଂଘର ସମ୍ପାଦିକା ସ୍ୱର୍ଣ୍ଣଲତା ପତି ଗତ ୧୭ ତାରିଖରେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୭୮/୨୪)ରୁଜୁ କରିଥିଲା। ଏସ୍‌ଆଇ ଅରୁନ୍ଧତୀ ବେହେରା ଏହି ଚୋରି ଘଟଣାର ତଦନ୍ତ କରିବା ସମୟରେ କେତେଜଣ ଲୋକ ଏକ ନାଲି ରଙ୍ଗର ଅଟୋରେ କିଛି ସାମଗ୍ରୀ ନେଇଯାଉଥିବା ଖବର ପାଇଥିଲେ। ପରେ ସେ ଏହାର ତଦନ୍ତ କରି ଚୋର ରାକେଟ୍‌ର ସନ୍ଧାନ ପାଇଥିଲେ। ତେବେ ସେମାନେ ଘରେ ନ ରହି ଗଛରେ ମଞ୍ଚା ବାନ୍ଧି ରହୁଥିବା ଜାଣିବା ପରେ ପୋଲିସ ସେରପୁର ଗ୍ରାମରୁ ସେମାନଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଏଲ୍‌ଇଡି, ଫ୍ରିଜ୍, ପାଣିପମ୍ପ, ବ୍ୟାଟେରି ସହ ବହୁ ମୂଲ୍ୟବାନ ସାମଗ୍ରୀ ଜବତ କରାଯାଇଛି। ତିହିଡ଼ି ଥାନା ଅଧୀନ ରାଢ଼ଙ୍ଗ ଅଙ୍ଗନୱାଡି କେନ୍ଦ୍ର, ନୟାନନ୍ଦ ସ୍କୁଲ ଆଦି ବିଭିନ୍ନ ସ୍ଥାନରୁ ଚୋରି ଅଭିଯୋଗରେ ସେମାନଙ୍କ ନାଁରେ ୬ଟି ଏବଂ ସାବରଙ୍ଗ ଥାନାରେ ୩ଟି ମାମଲା ରହିଛି। ଏହାବ୍ୟତୀତ ଭଦ୍ରକ ଗ୍ରାମାଞ୍ଚଳ ଓ ଅନ୍ୟ ଥାନା ଅଞ୍ଚଳର ଚୋରି ସହ ସେମାନେ ସମ୍ପୃକ୍ତ ଥିବା ଆଇଆଇସି ପ୍ରସନ୍ନ କୁମାର ନାୟକ ସୂଚନା ଦେଇଛନ୍ତି। ଫେରାର ଥିବା ଅନ୍ୟ ୨ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# 'ସଂଘର୍ଷ, ସାହସିକତା ସଫଳତା ଦିଏ'

### ଶ୍ରମିକ ନେତାଙ୍କ ଶ୍ରାଦ୍ଧବାର୍ଷିକୀରେ ପୂଜ୍ୟପୂଜା କାର୍ଯ୍ୟକ୍ରମ

ଭଦ୍ରକ,୨୩।୮ (ସନାତନ ରାଉତ)

ଛାତ୍ର ଜୀବନରୁ ସାଧାରଣ ଲୋକଙ୍କ ହକ୍ ପାଇଁ ଲଢ଼େଇ କରି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ତାଙ୍କର ସଂଘର୍ଷ ଓ ସାହସିକତା ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥିଲା ବୋଲି ପୂର୍ବତନ ସର୍ବଭାରତୀୟ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ପ୍ରତାପ ପଣ୍ଡାଙ୍କ ୧୩ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଭଦ୍ରକ ଟାଉନହଲ୍‌ରେ ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ମୃତି ସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଶିଷ୍ଟ ଅତିଥି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟବକ୍ତା ସ୍ତମ୍ଭକାର ଦୀପକ କୁମାର


ପୂଜ୍ୟପୂଜା କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ରଘୁନାଥ ଦାସଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମହାନ୍ତ, ଅନ୍ୟତମ ଅତିଥି ଭାବେ ଅଖିଳ ଭାରତୀୟ କୃଷି ଗ୍ରାମୀଣ ରାଷ୍ଟ୍ରୀୟ ସଭାପତି ବସନ୍ତ ସାହୁ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ରାଜକିଶୋର ଦାସ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଅଦମ୍ୟ ସାହସ ଓ କାର୍ଯ୍ୟାବଳୀ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ତ୍ୟାଗଭୂମି ମହୋତ୍ସବ କମିଟି ସଭାପତି ଅଜୟ ନାୟକ ଓ ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଆଚାର୍ଯ୍ୟ ପ୍ରତାପ ଚନ୍ଦ୍ର ଦାସ, ସାମାଜିକ କର୍ମୀ ରଘୁନାଥ ଦାସଅଧିକାରୀ, ନାଟ୍ୟକାର ଅରୁଣ ବାରିକ୍‌ଙ୍କ ସମେତ ବହୁ ପ୍ରତିଭାବାନ୍ ବ୍ୟକ୍ତି, ଶ୍ରମିକ ସଙ୍ଗଠନ, ଆଶା, ଅଙ୍ଗନୱାଡି କର୍ମୀ ଓ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ରବୀନ୍ଦ୍ର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ମୁକ୍ତିକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଧାନଶିକ୍ଷକ ବିଜୟ ମିଶ୍ର ପରିଚାଳନା କରିଥିଲେ। ସକାଳେ ବିଷ୍ଣୁପୁର ଛକଠାରେ ଥିବା ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ସଂସଦର ରାମଚନ୍ଦ୍ର ରାଉତ, ଶାନ୍ତନୁ ମହାପାତ୍ର, ବିଦ୍ୟାଧର ସେଠୀ, ତପନ ପାତ୍ର, ଭାରତୀୟ ମଜଦୁର ସଂଘ ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ପରେଶ ନାଥ, ଜନ୍ମେଞ୍ଜୟ ମିଶ୍ର, ଚିରଞ୍ଜୀବ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି

- ଖାଲି ପଡ଼ିଛି ୪୮ ପଦବୀ, ତ୍ୱରାନ୍ୱିତ ହୋଇପାରୁନି କାର୍ଯ୍ୟ
- ଠିକ୍ ସମୟରେ ଯୋଜନାର ସୁଫଳ ପାଇପାରୁନାହାନ୍ତି ଲୋକେ

ବାସୁଦେବପୁର,୨୩।୮ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ତହସିଲ କାର୍ଯ୍ୟାଳୟରେ ଏବେ କର୍ମଚାରୀଙ୍କ ମରୁଡ଼ି ସ୍ଥିତି ଦେଖାଦେଇଛି। ଅନେକ ପଦବୀ ଖାଲି ପଡ଼ିଥିବାରୁ ତହସିଲ ଅଫିସ୍‌ରେ ଏକପ୍ରକାର ଅଚଳାବସ୍ଥା ପରିଲକ୍ଷିତ ହୋଇଛି। କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନାହିଁ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ତଥା ମଣିଷର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଦରକାରୀ କାଗଜପତ୍ର, ଜମିଜମା ଦସ୍ତାବିଜ, ଦୈବ ଦୁର୍ବିପାକ ସମୟରେ ତହସିଲ କାର୍ଯ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବେଳେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ସରକାରୀ ଯୋଜନାର ସୁଫଳ ଲୋକେ ଠିକ୍ ସମୟରେ ପାଇପାରୁ ନାହାନ୍ତି।



ବାସୁଦେବପୁର ତହସିଲ ଅଫିସ।

୧୪ ରାଜସ୍ୱ ନିରୀକ୍ଷକ ସର୍କଲକୁ ନେଇ ଏହି ତହସିଲ କାର୍ଯ୍ୟ କରୁଛି। ଏହା ଅଧୀନରେ ମୋଟ ବ୍ଲକର ୩୬ ପଞ୍ଚାୟତ ଓ ପୌରପାଳିକାର ୨୩ ୱାର୍ଡ ଆସୁଛି। କର୍ମଚାରୀ ଅଭାବ ଯୋଗୁ ବାସୁଦେବପୁର ରାଜସ୍ୱ ଅଧିକାର ଓ ଏହାର ସୁଫଳ ଧାର୍ଯ୍ୟ ସମୟ ମଧ୍ୟରେ ଜନସାଧାରଣଙ୍କୁ ମିଳିପାରୁ ନାହିଁ। ତହସିଲ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏବେ ୪୮ ପଦବୀ ଖାଲି ପଡ଼ିଛି। ୨ଟି ଅତିରିକ୍ତ ତହସିଲଦାର ପଦବୀ ମଧ୍ୟରୁ ଗୋଟିଏ ଖାଲି ପଡ଼ିଛି। ୧୪ ରାଜସ୍ୱ ନିରୀକ୍ଷକ ପଦବୀ ମଧ୍ୟରୁ ୨ଟି, ୧୩ ଏଆର୍‌ଆଇ ପଦବୀ ମଧ୍ୟରୁ ୧୦, ୨ଟି ଡ୍ରାଇଭର ପଦବୀ, ୮ ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ପଦବୀ ମଧ୍ୟରୁ ୪, ୮ ଅମିନ ପଦବୀରୁ ୫, ଗୋଟିଏ ଦପ୍ତରୀ ପଦବୀ, ଗୋଟିଏ ଅର୍ଡରଲିଂ ପିଅନ ପଦବୀ, ୪ ଅଫିସ ପିଅନ ମଧ୍ୟରୁ ୨ଟି ଏବଂ ୨ଟି ପ୍ରସେସରଭର ପଦବୀ ଖାଲି ପଡ଼ିଛି। ସେହିପରି ୧୩ କଲେକ୍ସନ ପିଅନ ପଦବୀ ମଧ୍ୟରୁ ୧୨ଟି, ଗୋଟିଏ ଚୌକିଦାର, ଗୋଟିଏ ଚେନ୍‌ମ୍ୟାନ୍, ୮ ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ପଦବୀ ମଧ୍ୟରୁ ୫ଟି ଫାଙ୍କା ପଡ଼ିଛି। ଫଳରେ ଜନସାଧାରଣଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା କହିଛନ୍ତି, ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଏସବୁ ପଦବୀ ପୂରଣ ହେଲେ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହେବା ସହ ସୁରୁଖୁରୁରେ ହୋଇପାରନ୍ତା।

# ପର୍ଯ୍ୟଟନ କ୍ଷେତ୍ର ଉପରେ ନଜର ପଡୁନି

ବାରିପଦା,୨୩।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ମୟୂରଭଞ୍ଜ ଜିଲା**

■କାମରେ ଲାଗୁନି ୨ଟି ସଂଗ୍ରାହାଳୟ, କୁମ୍ଭୀର ଗବେଷଣାକେନ୍ଦ୍ର

■କର୍ମଚାରୀ ଅଭାବରୁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ

ମୟୂରଭଞ୍ଜ ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପରିଚିତ। ଶିଳ୍ପ ବିହୀନ ଏହି ଜିଲା ପର୍ଯ୍ୟଟନସ୍ଥଳୀର ଗନ୍ତାଘର। ପର୍ଯ୍ୟଟନ କ୍ଷେତ୍ରରେ ମୟୂରଭଞ୍ଜ ସମଗ୍ର ରାଜ୍ୟରେ ପ୍ରମୁଖ ସ୍ଥାନରେ ଥିବାବେଳେ ସରକାରଙ୍କ ନଜର ଆଢୁଆଳରେ ରହିଛି। ଆବଶ୍ୟକ ସୁବିଧା ସୁଯୋଗ ନ ଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହୋଇପାରୁ ନାହିଁ। ପର୍ଯ୍ୟଟନ ଶିଳ୍ପର ବିକାଶ ନ ହେବାରୁ ସମ୍ପ୍ରତି ରୋଜଗାର ପାଇଁ ଜିଲାର ବହୁ ବେକାର ଯୁବତୀ ଯୁବକ ବାହାର ରାଜ୍ୟକୁ ଦାଦନ ମୁହାଁ ହେଉଛନ୍ତି।

ସବୁଜ ବନାନୀରେ ପରିପୂର୍ଣ୍ଣ ଶିମିଳିପାଳ ଅଭୟାରଣ୍ୟରେ ରହିଛି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଓ ହସ୍ତୀ ଅଭୟାରଣ୍ୟ। କଳା ବାଘ ପାଇଁ ବିଶ୍ୱ ପରିଚିତ ଶିମିଳିପାଳରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଶିମିଳିପାଳରେ ଆହୁରି ଅନେକ ଜଳପ୍ରପାତ, ଜିଲାରେ ଅନେକ ମନ୍ଦିର ଓ ଐତିହ୍ୟ ସ୍ଥାନ ଭଳି ପର୍ଯ୍ୟଟନ କ୍ଷେତ୍ର ଥିଲେ ମଧ୍ୟ ୫ବର୍ଷ ଧରି ସରକାରୀ ଭାବେ ଚିହ୍ନଟ ପ୍ରକ୍ରିୟା ହୋଇନାହିଁ। ଜିଲାରେ ୧୯ରୁ ଅଧିକ ପର୍ଯ୍ୟଟନସ୍ଥଳୀ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି। ୧୯୭୯ରେ ଯଶିପୁର, ଖିଚିଂ, କୁଚେଇ, କୁଲିଅଣା, ହରିପୁରଗଡ଼, ଶିମିଳିପାଳକୁ ପର୍ଯ୍ୟଟନ କ୍ଷେତ୍ରରେ ସାମିଲ କରାଯାଇଥିଲା। ୧୯୯୪ରେ ଦେବକୁଣ୍ଡ, ଜାମଶୋଲା, ବାରିପଦା, ବାଙ୍ଗିରିପୋଷି, ୧୯୯୬ରେ ଭୀମକୁଣ୍ଡ, ବିଶୋଇ, ମାଣତ୍ରୀ, ରାଇରଙ୍ଗପୁର, ୨୦୦୩ରେ ସମୀବୃକ୍ଷ, ୨୦୦୬ରେ ସୁଲେଇପାଟ, ୨୦୧୬ରେ ମେରୁମଠ, ସୀତାକୁଣ୍ଡ ଓ ଅଲକୁନ୍ଦର ଆଦି ସ୍ଥାନକୁ ସାମିଲ କରାଯାଇଛି। ସେହିପରି ଖିଚିଂ ଓ ବାରିପଦାରେ ଦୁଇଟି ସଂଗ୍ରାହାଳୟ ରହିଛି। ଯଶିପୁର ରାମତୀର୍ଥରେ ଥିବା କୁମ୍ଭୀର ଗବେଷଣା କେନ୍ଦ୍ରର ବିକାଶ ହେଉ ନ ଥିବାରୁ ତାହା ପର୍ଯ୍ୟଟକଙ୍କ କାମରେ ଆସୁନି। ଅନେକ ପର୍ଯ୍ୟଟନସ୍ଥଳୀକୁ ରାସ୍ତା, ବିଜୁଳି ଓ ବିଶ୍ରାମାଗାର ସୁବିଧା ନ ଥିବାରୁ ପର୍ଯ୍ୟଟକ ମୁହଁ ଫେରାଉଛନ୍ତି। ଖିଚିଂସ୍ଥିତ ମା’ କୀଚକେଶ୍ୱରୀ ମନ୍ଦିରର ଉନ୍ନୟନ ନିମନ୍ତେ ପୂର୍ବରୁ ରାଜ୍ୟ ସରକାର କୋଟିଏ ଟଙ୍କାର ଅନୁଦାନ ଦେଇଥିବାବେଳେ ଏହା ଖର୍ଚ୍ଚ ହୋଇ ନ ପାରି ପଡ଼ିରହିଛି। ସେହିପରି ଏହି ସ୍ଥାନକୁ ପ୍ରସାଦ ଯୋଜନାରେ କେନ୍ଦ୍ର ସରକାର ସାମିଲ କରିଥିଲେ ହେଁ କାର୍ଯ୍ୟାରମ୍ଭ ହୋଇନାହିଁ। ସେହିପରି ଦୃଷ୍ଟି ଆଢୁଆଳରେ ରହିଥିବା ଅଠର ଦେଉଳ(ମାନବ ଦେଉଳ) ସର୍ବପୁରାତନ ଭାବେ ବିଦ୍ୟମାନ। ଏହା ବ୍ୟତୀତ ଶିମିଳିପାଳ ମଧ୍ୟରେ ଅନାଲୋଚିତ ଥିବା ଚାଉଳିଭଜା, ଶୁଭ୍ରଧାରା, ଅସୁରଖୋଲ ଜଳପ୍ରପାତ ଅତ୍ୟନ୍ତ ମନମୁଗ୍ଧକର ସ୍ଥଳୀ। ସେହିପରି ଶଙ୍କରମରା ବନ୍ଧ, ରାଜାବନ୍ଧ, ନେଦାମ ବନ୍ଧ, ତାଳବନ୍ଧସ୍ଥିତ ରେଳ ବ୍ରିଜ୍, ବିନୋଦ ବିହାରୀ ମନ୍ଦିର ଓ କାଞ୍ଚ ମଠ ପର୍ଯ୍ୟଟନ କ୍ଷେତ୍ରଠାରୁ ଦୂରରେ ରହିଛି। ପର୍ଯ୍ୟଟନ ବିଭାଗ କାର୍ଯ୍ୟାଳୟ ଅବସ୍ଥା ଅତି ଶୋଚନୀୟ। ୧୯୮୯ରେ ନିର୍ମିତ ଏହି କାର୍ଯ୍ୟାଳୟ ମରାମତି ଅଭାବରୁ ବିପଦସଙ୍କୁଳ ହୋଇପଡ଼ିଛି। ମଞ୍ଜୁରୀ ପ୍ରାପ୍ତ ୬ ପଦବୀ ମଧ୍ୟରୁ ଜଣେ ଠିକା କର୍ମଚାରୀ, ଚୌକିଦାର ଓ ପିଅନଙ୍କୁ ନେଇ କାର୍ଯ୍ୟାଳୟ ଚାଲିଛି। ଜିଲାର ସମସ୍ତ ପର୍ଯ୍ୟଟନ ସ୍ଥଳୀ ପାଇଁ ସରକାରୀ ଭାବେ ମୋଟ ୨୦ଟି ମଞ୍ଜୁରୀ ପ୍ରାପ୍ତ ପଦବୀ ରହିଥିବା ବେଳେ ମାତ୍ର ୮ଜଣ କର୍ମଚାରୀ ରହିଛନ୍ତି। ଫଳରେ କର୍ମଚାରୀ ଅଭାବରୁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଆଗକୁ ସମୀବୃକ୍ଷ, ଖିଚିଂ, ଦେବକୁଣ୍ଡ ଏବଂ ଶିମିଳିପାଳର ବରେହିପାଣି ଓ ଯୋରନ୍ଦା ଜଳପ୍ରପାତରେ ପର୍ଯ୍ୟଟନର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ଯଥାଶୀଘ୍ର ବାଙ୍ଗିରିପୋଷିର ବ୍ରାହ୍ମଣକୁଣ୍ଡକୁ ବିଭାଗ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ ସହିତ ଅର୍ଥ ବ୍ୟୟବରାଦ କରିବାକୁ ଦାବି ହେଉଛି । ସେହିପରି ମାଣତ୍ରୀଠାରେ ଥିବା ବହୁ ପୁରାତନ ଶୈବପୀଠ ଭଳି ଅନେକ ପର୍ଯ୍ୟଟନ ସ୍ଥଳୀର ଉନ୍ନତି ନିମନ୍ତେ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ତେବେ ଖାଲିପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରି ସମସ୍ତ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଉନ୍ନୟନ ସାଙ୍ଗକୁ ପର୍ଯ୍ୟଟକମାନଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବା ନିମନ୍ତେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ସମେତ ଜିଲାବାସୀ ଦାବି କରିଛନ୍ତି।



ବାରିପଦାଠାରେ ଥିବା ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ।

# ଛାତ୍ରୀନିବାସ ଅନ୍ତେବାସୀଙ୍କୁ ମାଡ଼

## ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବାରିପଦା,୨୩।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଯଶିପୁର ବ୍ଲକ ଅଧୀନ ଅଙ୍ଗାରପଦା ବାଳିକା ଆବାସିକ ଉଚ୍ଚ ବିଦ୍ୟାଳୟରେ ଅନ୍ତେବାସୀଙ୍କୁ ଜଣେ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମୀ ପକ୍ଷରୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସଂଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ସୂଚନାଯୋଗ୍ୟ, ଛାତ୍ରୀନିବାସରେ ଅନେକ ଖଡ଼ିଆ ଓ ମାଙ୍କିଡିଆ ଜନଜାତିର ଛାତ୍ରୀ ରହିଛନ୍ତି। ସେମାନଙ୍କୁ ପେଟପୂରା ଖାଇବାକୁ ଦିଆଯାଉନାହିଁ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ଛାତ୍ରୀନିବାସ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ପ୍ରଧାନ ଶିକ୍ଷକ ପଚାରି ବୁଝିବା ସହ ତାଗିଦା କରିଥିଲେ। ପରେ ଶିକ୍ଷୟିତ୍ରୀ ଜଣକ ଅଭିଯୋଗ କରିଥିବା ୧୪ ଅନ୍ତେବାସୀଙ୍କୁ ବେତ ବାଡ଼ିରେ ପ୍ରବଳ ମାଡ଼ ମାରିଥିବା ନେଇ ଅଭିଭାବକମାନେ ଜାଣିବାକୁ ପାଇଥିଲେ। ଏଥିରେ ଉଦ୍‌ବେଗ କରି ମାସା ଆର୍ମୀ ସଂଗଠନର କର୍ମକର୍ତ୍ତାମାନେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଗଠନର ଲକ୍ଷ୍ମୀକାନ୍ତ ବାସ୍କେ, ଶଙ୍କର ବାସ୍କେ, କିରଣ ମାରାଣ୍ଡି, ସାନେଲ ମୁର୍ମୁ, ମଦନ ହାଁସଦା, ଜନ୍ ହାଁସଦା, ରିଣ୍ଟୁ ମୁର୍ମୁ, ହରି ସିଂ, ଚନ୍ଦ୍ରଭାନୁ ଟୁଡୁ, ସୁଶୀଲ ସିଂ, ରାଜେନ୍ଦ୍ର ମୁର୍ମୁ, ବୁଧୁରାୟ ହାଁସଦା, ପୃଥୁନାଥ ହାଁସଦା, ରାମହରି ମୁର୍ମୁ, କାରାନ ହେମ୍ବ୍ରମ, ଗୋପାଲ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ। ତେବେ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳଭାବେ ସରକାର ଘୋଷଣା କରିଥିବା ବେଳେ ଛାତ୍ରୀମାନଙ୍କ ପ୍ରତି ଶିକ୍ଷୟିତ୍ରୀଙ୍କ ଏଭଳି ଦଣ୍ଡକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶଙ୍କୁ ପଚାରିବାରୁ ଅଭିଯୋଗ ମିଳିବା ପରେ କରଞ୍ଜିଆ ଆଇଟିଡିଏ ଅଧିକାରୀ ପ୍ରବୀଣ କୁମାର ବାଣୁଆ ତଦନ୍ତରେ ଯାଇଥିଲେ। ତଦନ୍ତରେ ଛାତ୍ରୀମାନଙ୍କୁ ମାଡ଼ ମରାଯାଇଥିବା ନେଇ ଜଣାପଡ଼ିଛି। ଏନେଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।

# ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଖୁଣ୍ଟା,୨୩।୮ (ଦେବରଞ୍ଜନ ବେହେରା): ଖୁଣ୍ଟା ବ୍ଲକ ଶିକ୍ଷାବିଭାଗ ଆନୁକୁଲ୍ୟରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍ ପ୍ରତିଯୋଗିତା ଖୁଣ୍ଟା ଡ଼ିଗ୍ରୀ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ବ୍ଲକ ଅଧୀନରେ ଥିବା ହାଇସ୍କୁଲସ୍ତରରୁ ବରିଷ୍ଠ ବର୍ଗରୁ ୮୦ ଜଣ ଓ କନିଷ୍ଠ ଏବଂ ସର୍ବ କନିଷ୍ଠ ବର୍ଗରୁ ୧୩୮ ଜଣ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କବି ବିଷ୍ଣୁ ଶତପଥୀ ଯୋଗଦେଇ ଶିକ୍ଷାର୍ଥୀଙ୍କ ମନରେ ବୈଜ୍ଞାନିକ ଚିନ୍ତାଧାରା ଓ ଅନ୍ୱେଷଣ ପ୍ରବୃତ୍ତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଶିକ୍ଷା ବିଭାଗ ଆନୁକୂଲ୍ୟରେ ‘ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ’ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଛାତ୍ରଛାତ୍ରୀମାନଙ୍କୁ ସୁଚାଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ, ସମିତି ସଭ୍ୟ ବାଘ୍ରାୟ ସୋରେନ, ଜିଲା ଶିକ୍ଷକ ସଂଘର ସାଂଗଠନିକ ସମ୍ପାଦକ ଗଦାଧର ନାୟକ, ଏବିଇଓ ବୃନ୍ଦାବନ ମାରାଣ୍ଡି ଓ ଅଞ୍ଜଳି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ଗଣିତ,ବିଜ୍ଞାନ,ସାମାଜିକ ବିଜ୍ଞାନ ଓ ପ୍ରତ୍ୟେକ ଦିନର ସାମ୍ପ୍ରତିକ ଘଟଣାବଳୀ ଉପରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିବା ବେଳେ କୃତକାର୍ଯ୍ୟ ହୋଇଥିବା କନିଷ୍ଠ, ସର୍ବକନିଷ୍ଠ ଓ ବରିଷ୍ଠ ବର୍ଗରୁ ମୋଟ ୯ ଜଣ ବିଦ୍ୟାର୍ଥୀଙ୍କୁ ଟ୍ରଫି ଓ ମାନପତ୍ର ଏବଂ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଅନ୍ୟ ସମସ୍ତ ପ୍ରତିଯୋଗୀମାନଙ୍କୁ ମାନପତ୍ର ସମେତ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ନରେନ୍ଦ୍ର ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଜୟ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଆଲୋକ ସାହୁଙ୍କ ସମେତ ଅନ୍ୟ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଇକମା ଆଶ୍ରମ ବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ

ବୈଶିଙ୍ଗା,୨୩।୮ (ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ଗତବର୍ଷ ଆଜିର ଦିନରେ ଭାରତକୁ ମହାକାଶ ଗବେଷଣା ଓ ଚନ୍ଦ୍ର ଅଭିଯାନ କ୍ଷେତ୍ରରେ ଅପୂର୍ବ ସଫଳତା ମିଳିଥିଲା। ଭାରତର ବୈଜ୍ଞାନିକମାନଙ୍କ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ଚନ୍ଦ୍ରାୟନ-୩ର ସଫଳ ଉତ୍‌କ୍ଷେପଣ ଓ ଚନ୍ଦ୍ର ପୃଷ୍ଠର ଦକ୍ଷିଣ ମେରୁରେ ‘ବିକ୍ରମ’ ଅବତରଣ କରିଥିଲା। ଏହି ସମସ୍ତ ଘଟଣା ଏକ ପ୍ରୋଜେକ୍ଟର ମାଧ୍ୟମରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏହା ସହିତ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଲା। ଶିକ୍ଷୟିତ୍ରୀ ରୂପା ମହାନ୍ତି , ସରସ୍ୱତୀ ଜେନା, ଦୀପାଞ୍ଜଳି ଦାସ, ପ୍ରତିମା ପରିଡ଼ା, ସୁବାସିନୀ ପରିଡ଼ା, ସୁକାନ୍ତି ବିଶ୍ୱାଳ, ନୀଳାକ୍ଷୀ ଦାସ,ଚିନ୍ମୟ କୁମାର ମହାନ୍ତ, ମ୍ୟାଟ୍ରନ ମାଳତୀ ମାଝୀ, ମଣ୍ଟୁ ମାର୍ଣ୍ଡି, ସୀତା ଟୁଡୁ, ଜୁଲୀ ହେମ୍ବ୍ରମ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଜଣେ ପ୍ରତିଯୋଗୀ ବକ୍ତୃତା ପ୍ରଦାନ କରୁଛନ୍ତି।

# ୨ ମହିଳାଙ୍କ ସମେତ ୩ ଗିରଫ

## ଅବକାରୀ ଚଢ଼ାଉ

ଉଦଳା,୨୩।୮ (ସନ୍ତୋଷ କୁମାର ବାଛିନୀ): ଉଦଳା ଅବକାରୀ ବିଭାଗ ଚଢ଼ାଉ କରି ଦେଶୀ ମଦ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଦୁଇ ଜଣ ମହିଳା ରହିଛନ୍ତି। ଶୁକ୍ରବାର ସକାଳେ କପ୍ତିପଦା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ କପ୍ତିପଦା ଥାନା ପେଡ଼ାଗଡ଼ି ଗ୍ରାମର ପାଣ୍ଡବ ବିନ୍ଧାଣୀ, ଗଡ଼ିଆପାଳ ଗ୍ରାମର ଧାନୀ ହେମ୍ବ୍ରମ ଏବଂ ଭାଲୁହୁରୁଡ଼ା ଗ୍ରାମର ମୀନା ଦଣ୍ଡଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ସମୁଦାୟ ୬୭ ଲିଟର ଦେଶୀ ମହୁଲି ମଦ ଅବକାରୀ ବିଭାଗ ଜବତ କରିଛି। ଗିରଫ ୩ ଜଣ ନିଜ ଅଞ୍ଚଳରେ ଚୋରା ଦେଶୀ ମଦ ବିକ୍ରି କରୁଥିବା ନେଇ ପୂର୍ବରୁ ଅବକାରୀ ବିଭାଗ ନିକଟରେ ସୂଚନା ରହିଥିଲା। ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

# କପ୍ତିପଦାରେ କୌଶଳ ରଥକୁ ସ୍ୱାଗତ

ଉଦଳା,୨୩।୮ (ସନ୍ତୋଷ କୁମାର ବାଛିନୀ)

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ଦକ୍ଷ ଓଡ଼ିଶା ଏବଂ ବିକଶିତ ଓଡ଼ିଶା ଗଠନ ଉଦ୍ଦେଶ୍ୟରେ ସଚେତନତା ତଥା ପ୍ରଚାର ପ୍ରସାର ପାଇଁ ଗତ ୧୫ ତାରିଖରୁ କୌଶଳ ରଥ ସାରା ରାଜ୍ୟ ପରିଭ୍ରମଣ କରିବା ପରିପ୍ରେକ୍ଷୀରେ ଶୁକ୍ରବାର ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡରେ ପହଞ୍ଚିଥିଲା। ଖୁଣ୍ଟା ବ୍ଲକ ସରକାରୀ ଏସ୍‌ଏସ୍‌ଡ଼ି ଉଚ୍ଚ ବିଦ୍ୟାଳୟ, ବାସିପିଠାରେ ସର୍ବ ପ୍ରଥମେ ଏହି ରଥ ପହଞ୍ଚିଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀକାନ୍ତ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଅନ୍ୟାନ୍ୟ ବୁଦ୍ଧିଜୀବୀ କୌଶଳ ରଥକୁ ସ୍ୱାଗତ କରିଥିଲେ। ପରେ କପ୍ତିପଦା ଉଚ୍ଚ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ କପ୍ତିପଦା ଉଚ୍ଚ ବିଦ୍ୟାଳୟ ଏବଂ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଛାତ୍ରଛାତ୍ରୀ ଏବଂ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ରଥକୁ ସ୍ୱାଗତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ ମିଶ୍ର ଆନୁଷ୍ଠାନିକ ଭାବେ ଏହି ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ, କପ୍ତିପଦା ସରକାରୀ ଶିଳ୍ପତାଲିମ କେନ୍ଦ୍ରର ଅଧ୍ୟକ୍ଷା ଇପ୍ସିତା ସାହୁ, କପ୍ତିପଦା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ, ସିଙ୍ଗରାୟ ମୁର୍ମୁ ଏବଂ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ତଥା ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଉପେନ୍ଦ୍ର ନାଥ ହାଇସ୍କୁଲ, ପଦ୍ମପୋଖରୀ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ କପ୍ତିପଦାର ଛାତ୍ରୀଛାତ୍ର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ଉପେନ୍ଦ୍ର ନାଥ ହାଇସ୍କୁଲର ଶିକ୍ଷକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମୋରଡ଼ା ବିଜେଡିର ବିକ୍ଷୋଭ



ବିଜେଡି ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯଉଛି।

ମୋରଡ଼ା,୨୩।୮ (ସ୍ମାରକ ମାଜୀ)

**ଭତ୍ତା ପ୍ରସଙ୍ଗକୁ ନେଇ ଦାବିପତ୍ର ପ୍ରଦାନ**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାସ୍ଥିତ ବ୍ଲକ କାର୍ଯ୍ୟାଳୟ ଆଗରେ ଶୁକବ୍ରାର ଭତ୍ତା ପ୍ରସଙ୍ଗକୁ ନେଇ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ନିର୍ବାଚନରେ ମୋରଡ଼ା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରୀତିନନ୍ଦା କାନୁନ୍‌ଗୋ ଓ ପୂର୍ବତନ ବିଧାୟକ ରାଜକିଶୋର ଦାସଙ୍କ ନେତୃତ୍ୱରେ ବିଜେଡି କର୍ମୀ ଓ ଶତାଧିକ ଭତ୍ତା ହିତାଧିକାରୀ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଗାମୀ ଦିନରେ ଯଦି ଭତ୍ତା ବୃଦ୍ଧି କରା ନ ଯାଏ ତାହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପ୍ରୀତିନନ୍ଦା ଓ ରାଜକିଶୋର କହିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଅଣାକର ନାଏକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନ, ଜିଲା ପରିଷଦ ସଭ୍ୟା ଝରଣା ମୁର୍ମୁ, ସମିତି ସଭ୍ୟ ତନୟ ଦାସ, ବରିଷ୍ଠ ବିଜେଡି ନେତା କ୍ଷିତୀଶ ମହାନ୍ତ, ସଞ୍ଜୀବ ଦେଓ, ରାମାୟ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭୟାରଣ୍ୟ ସୀମାନ୍ତରେ ବେଆଇନ ଇଟାଭାଟି

ନୀଳଗିରି, ୨୩।୮ (ପ୍ରଶାନ୍ତ ବିଶ୍ୱାଳ)

**ଉଚ୍ଛେଦ ଲାଗି ଜିଲାପାଳଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ**

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନରେ କୁଲଡ଼ିହା ଅଭୟାରଣ୍ୟ ହାତୀ ସୁରକ୍ଷାବଳୟ ଇକୋ ସେନସିଟିଭ ଜୋନ୍ (ଇଏସ୍‌ଜେଡ୍) ଭିତରେ ଥିବା ବେଆଇନ୍ ଚିମିନି ଇଟାଭାଟିକୁ ତୁରନ୍ତ ଉଚ୍ଛେଦ ନେଇ ପୂର୍ବତନ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ବୁଧବାର ଜିଲାପାଳଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି।

ପୂର୍ବରୁ ବହୁବାର ଏନେଇ ରାଜସ୍ୱ ବିଭାଗକୁ ଅବଗତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ନୀଳଗିରି ଉପଖଣ୍ଡ ଅଧୀନ କୁଲଡିହା ଅଭୟାରଣ୍ୟ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ କେନ୍ଦ୍ର ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ୨୦୧୭ ଅଗଷ୍ଟ ୯ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ମୋଟ ୨୧୯.୧୮ବର୍ଗ କି.ମି. ଅଞ୍ଚଳକୁ କୁଲଡିହା ଇକୋ ସେନସିଟିଭ୍ ଜୋନ୍‌ରେ ଅନ୍ତର୍ଭୁକ୍ତ କରାଯାଇଥିଲା। ପରେ ଏହି ସେନ୍‌ସିଟିଭ ଜୋନ ଓ ଅଭୟାରଣ୍ୟ ସୀମାନ୍ତରେ ୧୪ଟି ଚିମିନି ଭାଟି ଥିବା ବନବିଭାଗ ଜାଣିବାକୁ ପାଇଥିଲା। ବେଆଇନ ଇଟାଭାଟି ଯୋଗୁ ଚିମିନି ଭାଟିରୁ ବାହାରୁଥିବା କୋଇଲା ଧୂଆଁରେ ପ୍ରଦୂଷଣ ବଢ଼ି ଚାଲିଥିବା ବେଳେ ଅଭୟାରଣ୍ୟ ଓ ଏହା ମଧ୍ୟରେ ଥିବା ବନ୍ୟପ୍ରାଣୀଙ୍କ ପ୍ରତି ଘୋର ବିପଦ ସୃଷ୍ଟି ହେଉଛି। ଉକ୍ତ ଜୈବ ସୁରକ୍ଷା ବଳୟ ମଧ୍ୟରେ ବେଆଇନ ଭାବେ ଇଟାଭାଟି ଚାଲିଛି ଯାହା ପରିବେଶ ପ୍ରେମୀମାନଙ୍କୁ ମଧ୍ୟ ମର୍ମାହତ କରିଛି। ତେବେ ସ୍ଥାନୀୟ ପ୍ରଶାସନ ଇଟାଭାଟିଗୁଡ଼ିକୁ ଭାଙ୍ଗିବାକୁ ନେଇ ନୀରବଦ୍ରଷ୍ଟା ସାଜିଛି। ତେଣୁ ହାତୀବଂଶର ସୁରକ୍ଷା ପାଇଁ ଉକ୍ତ ଅଞ୍ଚଳରେ ଗଢ଼ି ଉଠିଥିବା ବେଆଇନ୍ ଇଟାଭାଟିଗୁଡ଼ିକୁ ବନ୍ଦ କରିବା ଜରୁରୀ ହୋଇପଡିଛି। ବେଆଇନ ଇଟାଭାଟିଗୁଡ଼ିକ ତୁରନ୍ତ ଉଚ୍ଛେଦ କରିବାକୁ ଜିଲାପାଳ ସମେତ ନୀଳଗିରି ଉପଜିଲାପାଳ ଓ ତହସିଲଦାରଙ୍କୁ ପୂର୍ବତନ ବିଧାୟକ ଇଂ. ନାୟକ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

# ବେଳାଭୂମି ପରିସରରେ ତାଳ ମଞ୍ଜି ରୋପଣ



ବନବିଭାଗ ପକ୍ଷରୁ ତାଳ ମଞ୍ଜି ରୋପଣ କରାଯାଉଛି।

କାଳିପଦା (ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ), ୨୩।୮

ବାଲେଶ୍ୱର ଜିଲା ଅଧୀନ ଲଙ୍ଗଳେଶ୍ୱର ବନବିଭାଗ ପକ୍ଷରୁ ଡଗରାଠାରୁ ଚୌମୁଖ ସୀମା ପର୍ଯ୍ୟନ୍ତ ବେଳାଭୂମି ପରିସରରେ ୧ ହଜାରରୁ ଅଧିକ ତାଳ ମଞ୍ଜି ରୋପଣ କରାଯାଇଛି। ଲଙ୍ଗଳେଶ୍ୱର ଫରେଷ୍ଟର ହୃଷିକେଶ ପ୍ରଧାନ, ରାମେଶ୍ୱର ମୁର୍ମୁ ଓ ସାଗରିକା ସିଂ ପ୍ରମୁଖ ତାଳ ମଞ୍ଜି ରୋପଣ କରି ବଜ୍ରପାତ ନିରୋଧକ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ବନସୁରକ୍ଷା ସମିତି ସଦସ୍ୟ ସତ୍ୟାନନ୍ଦ ମହାନ୍ତି, ପରିବେଶବିତ୍ ନିତ୍ୟାନନ୍ଦ ଜେନା, ଶ୍ରୀହରି ଜେନା, ଦୁର୍ଜୟ କରଣ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ତାଳ ଗଛ ବଜ୍ରପାତ ନିରୋଧକ ଭାବେ କାର୍ଯ୍ୟ କରୁଥିବାରୁ ଆଗାମୀ ଦିନରେ ଅଧିକ ତାଳ ମଞ୍ଜି ରୋପଣ କରାଯିବ ବୋଲି ଫରେଷ୍ଟର ପ୍ରଧାନ ସୂଚନା ଦେଇଥିଲେ।

# ଶାନ୍ତିଲତା କଲେଜରେ ରକ୍ତଦାନ ଶିବିର

ବାଲେଶ୍ୱର, ୨୩।୮ (ବାଞ୍ଛାନିଧି ଦେ)-ବାଲେଶ୍ୱର ସଦର ବ୍ଲକ ଅଧୀନ ଶାନ୍ତିଲତା ମହାବିଦ୍ୟାଳୟର ଯୁବ ରେଡ଼କ୍ରସ୍ ଆନୁକୂଲ୍ୟରେ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ମନୋରଞ୍ଜନ ବେହେରା ଓ ବ୍ଲଡ଼ ବ୍ୟାଙ୍କ ଅଫିସର ଡା. ସତୀଶ କୁମାର ଜେନା ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଭୋଳ, ମାନସ କୁମାର ଦତ୍ତ, ସୌଭାଗ୍ୟବତୀ ପରିଡ଼ା, ସତ୍ୟପ୍ରକାଶ ଦାସ, ବିନୋଦ ବିହାରୀ ଦାସ, ସନ୍ତୋଷ କୁମାର ଜେନା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଯୁବ ରେଡକ୍ରସ କାଉନସିଲର ଡ. ମମତା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୫୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଡ. ଦେବବ୍ରତ ନାୟକ, ଅଧ୍ୟାପକ ମନୋଜ ସାହୁ, ଅଧ୍ୟାପିକା ଭାରତୀ ଭୋଇ ଓ ମୌମିତା ପାତ୍ର ଏବଂ କର୍ମଚାରୀ ସନ୍ତୋଷ ପଣ୍ଡା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତ ଅଫିସରେ ତାଲା ପକାଇଲେ ଗ୍ରାମବାସୀ

ଖୁଣ୍ଟା(ଦେବରଞ୍ଜନ ବେହେରା)/ଗୋପବନ୍ଧୁନଗର (ଶାନ୍ତନୁ କୁମାର ମଢୁଆଳ),୨୩।୮

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ଭୋଳାଗଡ଼ିଆ ପଞ୍ଚାୟତ ୧୨ନଂ. ୱାର୍ଡ ସରଜମଡ଼ିହ ଗ୍ରାମରେ ଥିବା ପ୍ରାୟ ୧କି.ମି. ମାଟି ରାସ୍ତାର ମରାମତି ଦାବିରେ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିବା ଚର୍ଚ୍ଚାର ବିଷୟ ହୋଇଛି। ବର୍ଷା ହେଲେ ଏହି ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅବହେଳିତ ଅବସ୍ଥାରେ ଥିବା ଏହି ରାସ୍ତାର ମରାମତି ପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ ବ୍ଲକ ଓ ପଞ୍ଚାୟତ ଅଫିସରେ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନ ଥିବାରୁ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇ ଥିବା କହିଛନ୍ତି।

ଶୁକ୍ରବାର ଗ୍ରାମବାସୀ ପୂନର୍ବାର ରାସ୍ତା ମରାମତି ଦାବି ନେଇ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର ସରପଞ୍ଚ ପଞ୍ଚାୟତରେ ପର୍ଯ୍ୟାପ୍ତ ପରିମାଣର ଅନୁଦାନ ନ ଥିବାରୁ ବିଡିଓଙ୍କଠାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅସନ୍ତୋଷ ବ୍ୟକ୍ତକରି ଗ୍ରାମବାସୀ ସକାଳ ୯ଟାରୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ସରପଞ୍ଚ ନନ୍ଦକିଶୋର ହାଁସଦାଙ୍କୁ ପଚାରିବାରୁ ନିର୍ବାଚନ ଯୋଗୁ ପଞ୍ଚାୟତରେ ଉତ୍ସ ଗୁଡ଼ିକ ନିଲାମ ହୋଇ ପାରି ନ ଥିବା କାରଣରୁ ପଞ୍ଚାୟତରେ ଅର୍ଥର ଅଭାବ ଦେଖା ଦେଇଛି। ବର୍ଷା ପାଗ ଯୋଗୁ ରାସ୍ତାର ମରାମତି କରିବା ମଧ୍ୟ ସମ୍ଭବପର ହୋଇପାରୁନାହିଁ। ଏହା ବ୍ୟତିତ ସର୍ଜନଡ଼ିହିରୁ ବମ୍ଫେଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ନିମନ୍ତେ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଯଥା ଶୀଘ୍ର ରାସ୍ତା କାମ ହେବ ବୋଲି ସେ କହିଛନ୍ତି। ତେବେ ଏହି ଖବର ଲେଖା ହେବା ବେଳକୁ ପଞ୍ଚାୟତ କାର୍ଯ୍ୟାଳୟରୁ ତାଲା ଖୋଲି ନ ଥିବା ଜଣାପଡ଼ିଛି ।



ପଞ୍ଚାୟତ କାର୍ଯ୍ୟାଳୟରେ ତାଲାପକାଇ ପ୍ରତିବାଦ କରୁଥିବା ଗ୍ରାମବାସୀ।

## ସଂକ୍ଷେପରେ

### ବିପୁଳ ପରିମାଣର ମହୁଲି ଜବତ



ପାଟଣା, ୨୩।୮ (ବୀରକିଶୋର ଦାଶ): ଗଞ୍ଜାମ ଜିଲା ଚିକିଟି ଏନ୍‌ଏସି ଅନ୍ତର୍ଗତ ମାଉନ୍ଦପୁରରେ ମଦ ମୃତ୍ୟୁ ଘାଟଣା ପରେ କେନ୍ଦୁଝର ଜିଲା ପାଟଣା ପୋଲିସ ଆକ୍ସନ ମୋଡ୍‌କୁ ଆସିଛି। ଶୁକ୍ରବାର ପାଟଣା ଥାନା ଅଧିକାରୀ ବିବସ୍ ପ୍ରଧାନଙ୍କ ନେତୃତ୍ୱରେ ବେଆଇନ ମହୁଲି ମଦଭାଟି, ଦେଶୀ ମଦ କାଉଣ୍ଟର ଉପରେ ବ୍ୟାପକ ଚଢ଼ାଉ କରିଛି। ବିଭିନ୍ନ ସ୍ଥାନରେ ଥିବା ବେଆଇନ ମହୁଲି ମଦ ଭାଟି ଉପରେ ଚଢ଼ାଉ କରି ଭାଟି ଭାଙ୍ଗିବା ସହ ୧ ଶହ ଲିଟର ମହୁଲି ମଦ ଜବତ କରିଛି। ୫ ଶହ କିଗ୍ରା ପୋଚକୁ ପୋଲିସ ନଷ୍ଟ କରିଛି। ସାହାରପଡ଼ା ବ୍ଲକ୍ ଶଙ୍ଖୁଆ ପଞ୍ଚାୟତ ଭୋଳପଡ଼ା ନାଳ କୂଳରେ ଚାଲିଥିବା ବ୍ୟାପକ ମହୁଲି ମଦ ଭାଟିକୁ ଭାଙ୍ଗି ଦିଆଯାଇଛି। ଏଥିସହ ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମକୁ ଜବତ କରାଯାଇଛି। ସାହାରପଡ଼ା ପାଟଣା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ସାହାରପଡ଼ାରୁ ମଲ୍ଲିପଶି ମଧ୍ୟରେ ରାସ୍ତା କଡରେ ଥିବା ବେଆଇନ ଅସ୍ଥାୟୀ ମହୁଲି, ହାଣ୍ଡିଆ, ରସି କାଉଣ୍ଟରଗୁଡ଼ିକୁ ପୋଲିସ ଭାଙ୍ଗି ଦେଇଛି। ଅସ୍ଥାୟୀ ମଦ ବିକ୍ରି ଚାଳିଆଗୁଡ଼ିକୁ ଭାଙ୍ଗି ପୋଡ଼ି ଦିଆଯାଇଛି। ଚଢ଼ାଉରେ ଥାନା ଅଧିକାରୀଙ୍କ ସହ ସାହାରପଡ଼ା ଫାଣ୍ଡି ଅଧିକାରୀ ଭବାନୀ ଶଙ୍କର ବାଦି, ଏଏସ୍ଆଇ ଏନ୍ ଲୁଗୁନ୍, ହାବିଲଦାର ରମେଶ ନାଏକ, ଫୋର୍ସ ଓ ହୋମଗାର୍ଡ ସାମିଲ ହୋଇଥିଲେ। ଏ ନେଇ ପାଟଣା ଥାନାରେ ଏକ ମାମଲା (ନଂ.୨୮୦/୨୪) ରୁଜୁ ହୋଇଛି।

### ପ୍ରାଣୀ ସମ୍ପଦ ଗଣନା ତାଲିମ ଶିବିର

କେନ୍ଦୁଝର, ୨୩।୮ (ଦୀପକ ମିଶ୍ର): କେନ୍ଦୁଝର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ତାଲିମ ଗୃହରେ ୨ ଦିନ ଧରି ୨୧ତମ ପ୍ରାଣୀ ସମ୍ପଦ ଗଣନା ସମ୍ବନ୍ଧୀୟ ଜିଲାସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ପ୍ରାଣୀଧନ ଗଣନାକାରୀ ଏବଂ ପ୍ରାଣୀଧନ ଗଣନାକାରୀ ପରିଦର୍ଶକଙ୍କୁ ପ୍ରାଣୀ ଗଣନା ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଥିଲା। ଶିବିରକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଶୋକ ସାହୁ ପରିଚାଳନା ଏବଂ ତାଲିମ ପ୍ରଦାନ କରିଥିଲେ। ଏଥିରେ ଉପ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରସନ୍ନ ମୁଣ୍ଡା ଏବଂ ଡା. ରାମଚନ୍ଦ୍ର ମହାନ୍ତି ତାଲିମ ଦେବାରେ ସହଯୋଗ କରିଥିଲେ। ଅନ୍ୟତମ ଅତିଥିଭାବେ ଗୋ ସେବକ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଓଡ଼ିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ଭକ୍ତବତ୍ସଳ ମହାନ୍ତି ସମସ୍ତ ତାଲିମଧାରୀଙ୍କୁ ନିଷ୍ଠାର ସହ ପ୍ରାଣୀ ଗଣନା କରିବାକୁ ପରାମର୍ଶ ଦେଇଥିଲେ। ସଭା ପରିଚାଳନାରେ ପରିସଂଖ୍ୟାନ ଗଣନାକାରୀ ପ୍ରଦୀପ ମିଶ୍ର ଏବଂ ସୁରେଶ ଚନ୍ଦ୍ର ନାଏକ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଏଥି ପୂର୍ବରୁ ୨୦ତମ ପ୍ରାଣୀଗଣନା ୨୦୧୯ ରେ ବିଭାଗ ପକ୍ଷରୁ କରାଯାଇଥିଲା। ୫ ବର୍ଷ ଅନ୍ତରରେ ପୁଣି ଆରମ୍ଭ ହୋଇଛି। ଗୃହପାଳିତ ପ୍ରାଣୀ ଏବଂ ଗୃହପାଳିତ ପକ୍ଷୀ ଗଣନା ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲୁରହିବ। ୪ ମାସ ଧରି ଆୟୋଜିତ ହେବାକୁ ଥିବା ପ୍ରାଣୀଗଣନା କାର୍ଯ୍ୟରେ ପ୍ରାଣୀଗଣନାକାରୀଙ୍କୁ ସହଯୋଗ କରିବାକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ଧରଣୀଧର କଲେଜ, ବିଶ୍ୱବିଦ୍ୟାଳୟ ଅଲଗା କରିବାକୁ ଦାବି

କେନ୍ଦୁଝର, ୨୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଧରଣୀଧର ବିଶ୍ୱବିଦ୍ୟାଳୟକୁ ଅଲଗା କରିବା ପାଇଁ ଦାବି ହୋଇଛି। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଏକାଠି ଚାଲିବା ଦ୍ୱାରା ଜିଲାର ଏକମାତ୍ର ସାଧାରଣ ସରକାରୀ ମହାବିଦ୍ୟାଳୟ ନିଜସ୍ୱ ସ୍ଥିତି ହରାଇ ବସିଛି। ଏଣୁ ୨ ଅନୁଷ୍ଠାନକୁ ଅଲଗା କରି ବହୁ ପୁରାତନ ମହାବିଦ୍ୟାଳୟର ସ୍ଥିତି ବଜାଇ ରଖିବାକୁ ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶା ସରକାରଙ୍କ ଚିଠି ନମ୍ବର ୬୦୩୮/୧୧ ଫେବୃୟାରୀ ୨୦୨୩ରେ ଓ ଚିଠି ନମ୍ବର୍ ୩୫୩୮୪/୧୮ ଅଗଷ୍ଟ ୨୦୨୩ରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଅପଗ୍ରେଡ୍ କରି ଧରଣୀଧର ବିଶ୍ୱବିଦ୍ୟାଳୟରେ ପରିଣତ କରାଯାଇଛି। ଏହା ଫଳରେ ଜିଲାର ଏକମାତ୍ର ସାଧାରଣ ସରକାରୀ ମହାବିଦ୍ୟାଳୟ ନିଜସ୍ୱ ସ୍ଥିତି ହରାଇ ବସିଛି। ବିଶ୍ୱବିଦ୍ୟାଳୟ ୟୁଜିସିର ଗାଇଡ୍‌ଲାଇନ ଓ ନିୟମାନୁଯାୟୀ କରା ନ ଯାଇ ସରକାରୀ ବିଜ୍ଞପ୍ତିରେ ମାନ୍ୟତା ଦିଆଯାଇଥିବା ଅଭିଯୋଗ କରିଛନ୍ତି। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନାମ ଲେଖାରେ ଫି ଆଦାୟରେ ବହୁ ପ୍ରଭେଦ ରହିଛି। ଯାହାକି କେନ୍ଦୁଝର ଜିଲାର ଗରିବ ଛାତ୍ରୀଛାତ୍ରଙ୍କ ପାଇଁ କଷ୍ଟକର ହେବ ବୋଲି ମତ ରଖିଛନ୍ତି। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ବିଶ୍ୱବିଦ୍ୟାଳୟ ସହିତ ମହାବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏଠାରେ ମଧ୍ୟ ସେଭଳି ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏଣୁ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବ ସ୍ଥାନରେ ଚଳାଇବା ସହ ଧରଣୀଧର ବିଶ୍ୱବିଦ୍ୟାଳୟକୁ ଦ୍ୱିତୀୟ କ୍ୟାମ୍ପସ କୁହାଯାଉଥିବା ସୁଲେଇଖମାର ସାହିରେ ଜାରି ରଖିବାକୁ ନିବେଦନ କରାଯାଇଛି। ଉକ୍ତ ଅଞ୍ଚଳରେ ଏନ୍‌ଏଚ୍ ୨୦ ବାଇପାସ ରାସ୍ତା ଯାଇଥିବାରୁ ସେଠାରେ ବିଶ୍ୱବିଦ୍ୟାଳୟ ପାଇଁ ପର୍ଯ୍ୟାପ୍ତ ଜମି ରହିଛି। ଏହା ଦ୍ୱାରା ଐତିହ୍ୟ ସମ୍ପନ୍ନ ଏକମାତ୍ର ସାଧାରଣ ସରକାରୀ ମହାବିଦ୍ୟାଳୟର ସୁରକ୍ଷା ହେବା ସହ ଜିଲାରେ ଉଭୟ ଉଚ୍ଚ ଓ ଉଚ୍ଚତର ଶିକ୍ଷାର ଲାଭ ଜିଲାବାସୀ ଉଠାଇ ପାରିବେ ବୋଲି ପୂର୍ବତନ ତେଲକୋଇ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ଦଳେଇ, କନକ ସୁଚିତା ମହାନ୍ତି, ପ୍ରୀତମ ସାହୁ, ବିନୟ ରଞ୍ଜିତ, ପଦ୍ମାବତୀ ମହାକୁଡ଼, ଅସିତ୍ ନନ୍ଦନ ମହାନ୍ତି, ସୁରେଶ କୁମାର ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତି, ଆଶିଷ କୁମାର ଆଚାର୍ଯ୍ୟ ପ୍ରମୁଖ କହିବା ସହ ଲିଖିତ ଦାବି କରିଛନ୍ତି। ଜିଲାର ସ୍ୱାର୍ଥ ଦୃଷ୍ଟିରୁ ଏହାର ସୁବିଚାର କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦାବି ପୂରଣ ହେଲେ ଜିଲା ପାଇଁ ତଥା ଆଗାମୀ ପିଢ଼ି ପାଇଁ ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଇଛି। ପ୍ରକାଶ ଯେ, ଜିଲାରେ ଉଚ୍ଚ ଶିକ୍ଷା ପାଇଁ ୧୯୫୭ରେ ଜିଲାର ଜଣେ ଖଣି ମାଲିକଙ୍କ ଯୋଗଦାନରେ କେନ୍ଦୁଝର ବିଜ୍ଞାନ ମହାବିଦ୍ୟାଳୟ ସ୍ଥାପନ ହୋଇଥିଲା। ପରବର୍ତ୍ତୀ ସମୟରେ ଜିଲାର ବିପ୍ଳବୀଙ୍କ ନାମରେ ଧରଣୀଧର ମହାବିଦ୍ୟାଳୟର ନାମକରଣ କରାଯାଇଥିଲା। ୨୦୦୪ରେ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇଥିଲା। ମହାବିଦ୍ୟାଳୟ ଜିଲାର ବହୁ ମେଧାବୀ ଛାତ୍ରୀଛାତ୍ର ଗଢ଼ିଥିବା ବେଳେ ଏଠାରୁ ବହୁ ବଡ଼ ପଦପଦବୀରେ ଚାକିରି କରି ସୁନାମ ଅର୍ଜନ କରିଛନ୍ତି।

# ଜିଲାପାଳଙ୍କୁ ଏନ୍‌ଏଚ୍‌ଆରସି ନୋଟିସ୍

କେନ୍ଦୁଝର, ୨୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଓ କଟକ ଜିଲାପାଳଙ୍କୁ ୨ ପୃଥକ ମାନବାଧିକାର ଉଲ୍ଲଂଘନ ମାମଲାରେ ଜାତୀୟ ମାନବାଧିକାର କମିଶନ ନୋଟିସ କରିଛନ୍ତି। ୭ ସପ୍ତାହ ମଧ୍ୟରେ ସମସ୍ତ ତଥ୍ୟ ଦେବାକୁ ଏନ୍‌ଏଚ୍‌ଆରସି କହିଛନ୍ତି। ଏହାର କପି ଓଡ଼ିଶା ଚିଫ୍ ସେକ୍ରେଟାରୀଙ୍କୁ ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ସୋସୋ ଥାନା ଅନ୍ତର୍ଗତ ପଡ଼ିଆରିପଲି ଗ୍ରାମରେ ୩୦ ଅପ୍ରେଲ ୨୦୨୪ ସକାଳେ ଅଙ୍ଗନୱାଡ଼ିକୁ ୩ ଶିଶୁ ପଢ଼ିବାକୁ ଯାଇଥିଲେ। ନିକଟସ୍ଥ ଗାଡ଼ିଆକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯାଇଥିଲା। ବୁଡ଼ି ୩ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ମାନବାଧିକାର କର୍ମୀ ତଥା ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନ୍‌ଜୀବୀ ରାଧାକାନ୍ତ ତ୍ରିପାଠୀଙ୍କ ଅଭିଯୋଗକ୍ରମେ ଜାତୀୟ ମାନବାଧିକାର କମିଶନ କେନ୍ଦୁଝର ଜିଲାପାଳଙ୍କୁ ନୋଟିସ୍ କରିଛନ୍ତି।

**ପୋଖରୀରେ ବୁଡ଼ି ୩ ଶିଶୁ ମୃତ୍ୟୁ ଘଟଣା**

ସେହିପରି ୧୧ ସେପ୍ଟମ୍ବର ୨୦୨୩ରେ କଟକ ଜିଲା ବାଙ୍କୀ ଅଞ୍ଚଳର ବିଲିପଦା ୨ ନମ୍ବର୍ ଅଙ୍ଗନୱାଡି କେନ୍ଦ୍ରରେ ଜଣେ ଅଙ୍ଗନୱାଡି ସହାୟିକା ସୁଲୋଚନା ସ୍ୱାଇଁ କାମ କରୁଥିବା ବେଳେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିଲେ। ଅସୁରକ୍ଷିତ ପରିବେଶରେ ଅଙ୍ଗନୱାଡ଼ି ଚାଲୁଥିବାରୁ ଏଭଳି ଅଘଟଣ ଘଟିଲା। ଏଣୁ ଉଭୟ ଘଟଣାରେ ରିପୋର୍ଟ ତଲବ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବରିଷ୍ଠ ଆଇନ୍‌ଜୀବୀ କମିଶନଙ୍କୁ ନିବେଦନ କରିଥିଲେ। କମିଶନ ଉଭୟ ଜିଲାର ଜିଲାପାଳଙ୍କୁ ନୋଟିସ୍ କରି କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହାର ସବିଶେଷ ତଥ୍ୟ ମାଗିଛନ୍ତି। ଛଅ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ ନୋଟିସ୍‌ରେ ଦର୍ଶାଇଛନ୍ତି।

# ଧାନ ଫସଲ ନଷ୍ଟକଲେ ହାତୀ



ପାଟଣା, ୨୩।୮ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୮ ଟିକିଆ ବଣୁଆ ହାତୀପଲ ୪ ଦିନ ହେବ ଉପଦ୍ରବ କରୁଛନ୍ତି। ହାତୀପଲ ୨ ଭାଗରେ ବିଭକ୍ତ ହୋଇ ଧାନ, ମକା, ପନିପରିବା ଚାଷ ନଷ୍ଟ କରିବା ସହ ଘର ଭାଙ୍ଗି ଧାନ ଚାଉଳ ଖାଇ ଯାଉଛନ୍ତି। ୧୭ ଟିକିଆ ହାତୀପଲ ଗୁରୁବାର ପାଟଣା ସେକ୍ସନ କେନ୍ଦେଇପଶି ବିଟ ସିଲିଦା ଗ୍ରାମରେ ପଶି ମଧୁସୂଦନ ସେଠୀଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇ ନଷ୍ଟ କରିଛନ୍ତି। ସେହିଭଳି ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ୧୧ ଟିକିଆ ହାତୀପଲ ଧାନ ଚାଷ ନଷ୍ଟ କରିବା ସହ କୁଞ୍ଜ ବିହାରୀ ନାଏକଙ୍କ ପାଚେରି ଭାଙ୍ଗି ଦେଇଛନ୍ତି।

**ଥମୁନି ଉପଦ୍ରବ**

୧୭ ଟିକିଆ ହାତୀପଲ ଶୁକ୍ରବାର ପାଟଣା ବୈତରଣୀ ନଦୀ କୂଳ ରେ ଡେରାପକାଇ ଥିବା ବେଳେ ୧୧ ଟିକିଆ ହାତୀପଲ ଭୁଲୁଦା ଜଙ୍ଗଲରେ ଡ଼େରା ପକାଇଥିବା ପାଟଣା ବନପାଳ ପିଥନ ନାଏକ ଓ ଖିରେଇ ଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି। ହାତୀ ପଲ ଧାନ ବିଲରେ ଧାନ ସହ ମକାବାଡି, ପରିବା ବଗିଚାରେ ପଶି ଖାଇବା ସହ ମାଡ଼ି ଦଳି ନଷ୍ଟ କରୁଥିବାରୁ ପ୍ରତ୍ୟେକ ଗାଁ ସୀମାରେ ନିଜ ଗାଁ ଭିତରକୁ ହାତୀଙ୍କୁ ପୁରାଇ ନ ଦେବାକୁ ଲୋକେ ନିଆଁ ହୁଳା, ବାଣ, ଟାୟାର ଜାଳି, ବାଜା, ଲେଜର ଲାଇଟ ପକାଇ ଓ ଟ୍ରାକ୍ଟରର ଗର୍ଜନ କରି ହାତୀ ଘଉଡ଼ାଉଛନ୍ତି।

## ହାତୀ ଆକ୍ରମଣରେ ନାବାଳକ ମୃତ

କେନ୍ଦୁଝର, ୨୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ ଅନ୍ତର୍ଗତ ବାଂଶପାଳ ବ୍ଲକ୍ ନୁଣଘର ଗ୍ରାମ ଜଙ୍ଗଲରେ ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ସଞ୍ଜୟ ମୁଣ୍ଡା(୧୬)। ଜଙ୍ଗଲକୁ ଯାଇ ୨ ଦିନ ହେବ ନିଖୋଜ ଥିଲେ। ସୂଚନା ଅନୁଯାୟୀ, ସେ ଗ୍ରାମର କେତେଜଣ ଲୋକଙ୍କ ସହିତ ୨ ଦିନ ତଳେ ଛେଳି ଚରାଇବାକୁ ଜଙ୍ଗଲକୁ ଯାଇଥିଲେ। ସେମାନଙ୍କୁ ହାତୀ ଗୋଡ଼ାଇବାରୁ ଧାଇଁ ପଳାଇ ଆସିଥିଲେ। ତେବେ ଗ୍ରାମର ଅନ୍ୟମାନେ ଫେରିଥିବା ବେଳେ ସଞ୍ଜୟ ଫେରି ନ ଥିଲେ। ଗ୍ରାମବାସୀ ଖୋଜାଖୋଜି କରି ଗୁରୁବାର ତାଙ୍କର ଗଳିତ ମୃତଦେହ ଜଙ୍ଗଲରୁ ଠାବ କରିଥିଲେ। ପାରିପାର୍ଶ୍ୱିକ ଅବସ୍ଥାରୁ ଏବଂ ଚାରିପାଖରେ ହାତୀ ପାଦଚିହ୍ନ ଓ ଦେହରେ ଦାନ୍ତ ଭୁସା ଚିହ୍ନରୁ ହାତୀ ଆକ୍ରମଣରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଖବର ପାଇ ବନ ବିଭାଗ ଅଧିକାରୀ ତଥା ହାତୀ ଘଉଡ଼ାଇବା ଟିମ୍ ପହଞ୍ଚି ମୃତଦେହ ଜବତ କରିଥିଲା। ସଦର ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଡିଏଫ୍‌ଓ ଧନରାଜ ଏଚ୍‌ଡି କହିଛନ୍ତି, ୨ ଦିନ ତଳେ ଉକ୍ତ ଅଞ୍ଚଳରେ ହାତୀପଲ ବୁଲୁଥିଲେ। ଗ୍ରାମବାସୀମାନେ ଘଉଡ଼ାଇଥିଲେ। ତେବେ ଏହି ବ୍ୟକ୍ତିଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ୧୧୩ ୟୁନିଟ୍ ରକ୍ତ ସଂଗ୍ରହ

**ଆରଡେଣ୍ଟ୍ ଷ୍ଟିଲ ପକ୍ଷରୁ ମେଗା ରକ୍ତଦାନ ଶିବିର**

କେନ୍ଦୁଝର, ୨୩।୮ (ଦୀପକ ମିଶ୍ର)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଫୁଲଝରସ୍ଥିତ ଆରଡେଣ୍ଟ ଷ୍ଟିଲ ତରଫରୁ ଏକ ମେଗା ରକ୍ତଦାନ ଶିବିର ଶୁକ୍ରବାର କାରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କାରଖାନାର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଡ. ଶୁଭାଶିଷ ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୧୧୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କେନ୍ଦୁଝର ରକ୍ତଭଣ୍ଡାରର ଡା. ପ୍ରତୀକ କୁମାର ସାହୁ ଓ ଅନ୍ୟାନ୍ୟ କର୍ମଚାରୀମାନେ ମେଗା ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ ଦାୟିତ୍ୱ ତୁଲାଇଥିଲେ। ଫାକ୍ଟ୍ରି ମ୍ୟାନେଜର ଦିଲ୍ଲୀପ ପାଣି, ଡିଜିଏମ ପରଚେଜ ଜୀବନ ଜ୍ୟୋତି କର, ଫାଇନାନ୍ସ ହେଡ ବିଭୁପ୍ରସନ୍ନ ଜେନା, ଆଇଟି ହେଡ ଦେବଦତ୍ତ ରାଉତରାୟ, ଟେକ୍‌ନିକାଲ ହେଡ୍ ପ୍ରକାଶ ଖିଲାର, କ୍ୱାଲିଟି କଣ୍ଟ୍ରୋଲ ହେଡ୍ ହୃଷିକେଶ ଲେଙ୍କା, ରବିକିରଣ ଅଶାଖୁ ଏହି ଶିବିରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏଚ୍‌ଆର ହେଡ୍ ରଞ୍ଜନ ନାୟକ ପରିଚାଳନା କରିଥିବାବେଳେ ଉପେନ୍ଦ୍ର ପ୍ରସାଦ ଦାସ, ଲୁକେଶ ପ୍ରଧାନ, ଉମ୍ବରୁଧର ମହାନ୍ତ, ରବିନ୍ଦ୍ର ନାଥ, ପ୍ରଭୁପାଦ ଜେନା, ଆରକେ ଷଡଙ୍ଗୀ, ବିଜୟ ରାୟ, ଭରତକିଙ୍କର ଜେନା, ସୁରଜିତ କୁମାର ଦାସ ଏବଂ କାରଖାନାର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।



ରକ୍ତଦାତାଙ୍କ ନିକଟରେ କମ୍ପାନୀ କର୍ମକର୍ତ୍ତା।

# ଚମ୍ପୁଆ ବନାଞ୍ଚଳରେ ଲାଗିବ ୫୦ ହଜାର ତାଳଗଛ

**ବ୍ରଜପାତ ଜନିତ କ୍ଷୟକ୍ଷତି ରୋକିବାକୁ ପ୍ରୟାସ**

ଚମ୍ପୁଆ, ୨୩।୮ (ମହେଶ୍ୱର ଦାସ)

ଓଡ଼ିଶାରେ ଦିନକୁ ଦିନ ବଢୁଥିବା ବଜ୍ରପାତ ଜନିତ କ୍ଷୟକ୍ଷତି ରୋକିବା ପାଇଁ ଚମ୍ପୁଆ ବନାଞ୍ଚଳ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ବନାଞ୍ଚଳରେ ବଜ୍ରପାତ ରୋକିବାକୁ ୫୦ହଜାର ତାଳଗଛ ଲଗାଯିବ ବୋଲି ଏସିଏଫ ଅକ୍ଷୟ ଛତ୍ରିୟା ସୂଚନା ଦେଇଛନ୍ତି। ବଜ୍ରପାତ ଏକ ପ୍ରାକୃତିକ ବିପର୍ଯ୍ୟୟ ଭାବେ ପରିଗଣିତ ହୋଇଥିବା ବେଳେ ବିଶେଷ ଭାବରେ ବର୍ଷାଦିନରେ ବଜ୍ରପାତ ଜନିତ ମୃତ୍ୟୁ ବଢ଼ିବାର ଆଶଙ୍କା ଦେଖାଦେଇଥାଏ। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ମଣିଷଠାରୁ ଆରମ୍ଭ କରି ଗୃହପାଳିତ ପ୍ରାଣୀ ବଜ୍ରପାତରେ ଅଧିକ ମୃତ୍ୟୁବରଣ କରିଥାଆନ୍ତି। ବର୍ଷା ଦିନେ ଚାଷୀମାନେ ଜମିରେ କାମ କରୁଥିବା ବେଳେ ପ୍ରାୟତଃ ବଜ୍ରପାତରେ ଶିକାର ହୋଇଥାନ୍ତି। ମୃତ୍ୟୁହାର ଯଥା କ୍ଷୟକ୍ଷତିକୁ ରୋକିବା ପାଇଁ ରାଜ୍ୟ ସରକାର ତାଳଗଛ ରୋପଣ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଚମ୍ପୁଆ ରେଞ୍ଜର ବାଲିବନ୍ଧ, ବର୍ଦ୍ଧନା, କାଳିକାପ୍ରସାଦ, ଲକ୍ଷ୍ମୀପଶି, ଲାଇବୁଗା, ପେଡିପୋଖରି, ଉଖୁଣ୍ଡା, ବୈତରଣୀଇଷ୍ଟ (କ), ବୈତରଣୀଇଷ୍ଟ (ଖ) ଆଦି ରିଜର୍ଭ ଫରେଷ୍ଟ ଏରିଆରେ ୮୧୭୨ ଟି ତାଳ ଗଛ ଲଗା ଯିବା ପରେ ବର୍ତ୍ତମାନ ସୁଧା ପ୍ରାୟ ୨୫୦୦୦ ତାଳ ଗଛ ଲଗା ଯାଇଛି। ଆଗାମୀ ଦିନରେ ବଜ୍ରପାତ ଜନିତ କ୍ଷୟକ୍ଷତି ରୋକିବା ପାଇଁ ଚମ୍ପୁଆ ବନାଞ୍ଚଳ ପକ୍ଷରୁ ୫୦,୦୦୦ ଗଛ ଲଗା ଯିବ ବୋଲି ଏସିଏଫ୍ ସୂଚନା ଦେଇଛନ୍ତି।



## ବ୍ଲକ୍‌ସ୍ତରୀୟ ଶୀର୍ଷକ ବିଜ୍ଞାନ ପ୍ରଦର୍ଶନୀ

ବଡ଼ବିଲ, ୨୩।୮ (ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳ ମାଟକାମବେଡ଼ାସ୍ଥିତ କଳିଙ୍ଗ ନଗର ହାଇସ୍କୁଲ ପରିସରରେ ଶୁକ୍ରବାର ରାଷ୍ଟ୍ରୀୟ ମହାକାଶ ଦିବସ ଅବସରରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ସହାୟତାରେ ଆରିୟା ଗ୍ରୁପ ଫାଉଣ୍ଡେସନ ତରଫରୁ ଆୟୋଜିତ ପ୍ରଦର୍ଶନୀରେ ବ୍ଲକ୍‌ର ୨୫ ସ୍କୁଲରୁ ଛାତ୍ରୀଛାତ୍ର ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପ-ଜିଲାପାଳ ଉମାକାନ୍ତ ପରିଡ଼ା ଯୋଗଦେଇ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବଡ଼ବିଲ ତହସିଲଦାର ଡିଏସ୍ ଶୁଭଦର୍ଶୀ ଯୋଶୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିରଞ୍ଚି ନାରାୟଣ ଶତପଥୀ, ପ୍ରବେଶ ପାଣ୍ଡେ, ଡ. ପ୍ରଦ୍ୟୁମ୍ନ ବିଦ୍ୟାଧର, ଭି. ଶିବକୁମାର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ 'ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ଓ ଜୈବ ବିବିଧତା' ଶୀର୍ଷକ ବିଜ୍ଞାନ ପ୍ରକଳ୍ପଗୁଡିକୁ ଅତିଥିମାନେ ବୁଲି ଦେଖିଥିଲେ। ବଡବିଲ ସେଣ୍ଟ ମେରିଜ ସ୍କୁଲ ପ୍ରଥମ, ସୟାବାଲି ଜିନ୍ଦଲ ସ୍କୁଲ ଦ୍ୱିତୀୟ, ମାଟକାମବେଡ଼ାସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟସ୍ଥାନ ଅଧିକାର କରିଥିଲା।

# ସୁସ୍ଥ ସମାଜ ଗଠନ ଦିଗରେ ସଂସ୍କୃତର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଔପଦା, ୨୩।୮ (ଧରିତ୍ରୀ ପଣ୍ଡା)

ଔପଦା ସ୍ନାତକ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ସଂସ୍କୃତ ଅଧ୍ୟାପକ ଦ୍ୱାରିକାନାଥ ଶତପଥୀଙ୍କ ସଭାପତିତ୍ୱରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରାକ୍ତନ ଅଧ୍ୟାପକ ଡ. କ୍ଷୀତେସ୍ୱର ଦାଶ ଯୋଗଦେଇ ସଂସ୍କୃତ ଅମୃତ ଭାଷା ଓ ବେଦ ଭାଷା ବୋଲି ମାନ୍ୟତା ପାଇଥିବା ବେଳେ ୧୯୬୯ ମସିହାରୁ ଶ୍ରାବଣ ପୂର୍ଣ୍ଣମୀଠାରୁ ସଂସ୍କୃତ ଦିବସ ଆରମ୍ଭ ହୋଇଥିଲା ବୋଲି କହିଥିଲେ। ସାମାଜିକ ଶୃଙ୍ଖଳା ସହ ଏକ ସୁସ୍ଥ ସମାଜ ଗଠନ ଦିଗରେ ସଂସ୍କୃତର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ସମସ୍ତେ ଶୃଙ୍ଖଳିତ ହୋଇ ଜୀବନଯାପନ କଲେ ଏହି ଦିବସର ମହତ୍ତ୍ୱ ରକ୍ଷା ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇତିହାସ ଅଧ୍ୟାପକ ଆଦିତ୍ୟ ନାରାୟଣ ଆଚାର୍ଯ୍ୟ ବକ୍ତବ୍ୟ ରଖିଥିବା ବେଳେ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟାପକ କମଳାକାନ୍ତ ଦାସ, ଅଧ୍ୟାପିକା ପୁଷ୍ପାଞ୍ଜଳି ବିଶ୍ୱାଳ, ସବିତାରାଣୀ ମହାରଣା, କରିସ୍ମା ମୁଦୁଲି, ଅଧ୍ୟାପକ ଲକ୍ଷ୍ମୀନାରାୟଣ ଦାସ, ପୂର୍ଣ୍ଣଚନ୍ଦ୍ର ନାୟକ ଓ ହରିହର ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଛାତ୍ରୀ ଶୁଭସ୍ମିତା ତ୍ରିପାଠୀ, ଅଲିଭା ନାୟକ, ମମତାଞ୍ଜଳୀ ରାଉତ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଶେଷବର୍ଷର ଛାତ୍ରୀ ସୁଧାରାଣୀ ବାରିକ ଧନ୍ୟବାଦ ଦେଇଥିଲେ।




ଔପଦା ସ୍ନାତକ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳନ କରାଯାଉଛି।

# ପିଏମ୍-ଜନମନ ସୂଚନା ଅଭିଯାନ ଆରମ୍ଭ

କେନ୍ଦୁଝର, ୨୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଅନଗ୍ରସର ଜନଜାତି ଗୋଷ୍ଠୀ (ପିଭିଟିଜି)ଙ୍କ ସାମାଜିକ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଏବଂ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ-ଜନମନ ଯୋଜନା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କେନ୍ଦୁଝର ଜିଲାପାଳ ବିଶାଲ ସିଂହ କାର୍ଯ୍ୟାଳୟ ପରିସରରୁ ପିଭିଟିଜିଙ୍କ ପାଇଁ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଅଭିଯାନ ଆରମ୍ଭ ହୋଇଛି। ଏହାକୁ ଜନାଭିମୁଖୀ କରିବାପାଇଁ ଅନୁସୂଚିତ ଜନଜାତି ଓ ସମନ୍ୱିତ ଆଦିବାସୀ ବିକାଶ ଏଜେନ୍ସି ବିଭାଗରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଯୋଜନାରେ ୨୩ ଅଗଷ୍ଟଠାରୁ ଆସନ୍ତା ୧୦ ସେପ୍ଟେମ୍ବର ପର୍ଯ୍ୟନ୍ତ ପିଏମ-ଜନମନ-ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକ୍ରମ ସମସ୍ତ ପିଭିଟିଜି ଗ୍ରାମରେ ଚାଲିବ। ଯୋଜନାରେ ଜିଲାରୁ ସମୁଦାୟ ୪ ବ୍ଲକ୍‌ର ୨୭୨ଟି ଗାଁ ଅନ୍ତର୍ଭୁକ୍ତ ହୋଇଛି। ସମଗ୍ର ଜିଲାରେ ପିଏମ-ଜନମନ ଯୋଜନାକୁ କାର୍ଯ୍ୟକାରୀ କରି ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ମାଧ୍ୟମରେ ଏହି ସମସ୍ତ ଗାଁଗୁଡ଼ିକୁ ସଚେତନ କରିବାପାଇଁ ଜିଲା ପ୍ରଶାସନ ଲକ୍ଷ୍ୟ ରଖିଛି। ଜିଲାରେ ମୁଖ୍ୟତଃ ଜୁଆଙ୍ଗ ଓ ପାଉଡି ଭୂୟାଁ ଆଦିବାସୀ ଗୋଷ୍ଠୀଙ୍କ ଜୀବନ ଜୀବିକା ଏବଂ ଜୀବନଶୈଳୀକୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ପ୍ରଚାର ଓ ପ୍ରସାର କରାଯିବ। ପିଏମ-ଜନମନ ମାଧ୍ୟମରେ ପିଭିଟିଜି ପରିବାର, ଘରଗୁଡ଼ିକୁ ସୁରକ୍ଷିତ ଆବାସ, ବିଶୁଦ୍ଧ ପାନୀୟ ଜଳ, ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, ବିଦ୍ୟୁତ୍, ସଡ଼କ ଏବଂ ଟେଲିକମ ଯୋଗାଯୋଗ ସୁବିଧା ପ୍ରଦାନ କରି ପିଭିଟିଜିର ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ସହ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବାର ଲକ୍ଷ୍ୟ ରହିଥିବା ଜିଲାପାଳ କହିଥିଲେ। ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ରଞ୍ଜନ ଦେଓ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ମନୋରଞ୍ଜନ ବେହେରା ଉପସ୍ଥିତ ଥିଲେ।



ଜିଲାପାଳ ବିଶାଲ ସିଂହ, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ୨୦ହଜାର ଲିଟର ପୋଚ ନଷ୍ଟ, ୫ ଶହ ଲିଟର ମଦ ଜବତ

ବାଲେଶ୍ୱର, ୨୩।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଢୀଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ପୁରୁଣା ବାଲେଶ୍ୱର ଅଞ୍ଚଳରେ ଚଢ଼ାଉ କରାଯାଇଛି। ସେଠାରେ ଥିବା ଏକ ପୋଖରୀ ନିକଟରୁ ୨୦ହଜାର ଲିଟର ପୋଚ ଏବଂ ୫ଶହ ଲିଟର ଦେଶୀମଦ ଜବତ ହୋଇଛି। ପୋଖରୀ ସମେତ କିଆବୁଦା, ବିଲ ନିକଟରେ ବ୍ୟବସାୟୀମାନେ ଏହି ପୋଚ ଏବଂ ଦେଶୀମଦ ମହଜୁଦ କରି ବେପାର ଚଳାଉଥିଲେ।

**ଅବକାରୀ ଚଢ଼ାଉ**

ଖବରପାଇ ଭ୍ରାମ୍ୟମାଣ ଅବକାରୀ ଥାନା ଅଧିକାରୀ ହରିହର ସିଂ, ଏସ୍ଆଇ ଭକ୍ତଚରଣ ସ୍ୱାଇଁ, ଆଇଆଇସି ଦୀପ୍ତିମୟୀ ସାହୁ, ଏସ୍ଆଇ ପ୍ରଜ୍ଞା ପ୍ରିୟା ନାୟକ ପ୍ରମୁଖ ସଦଳବଳେ ଚଢ଼ାଉ କରିଥିଲେ। ସେଠାରେ ୨୦ହଜାର ଲିଟର ପୋଚକୁ ନଷ୍ଟ କରାଯାଇଥିଲା। ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ପୃଥକ ଭାବେ ୬ଟି ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ବଜ୍ରପାତରେ ମହିଳା ଚାଷୀ ଗୁରୁତର

ଜଳେଶ୍ୱର, ୨୩।୮ (ରବିନାରାୟଣ ପାତ୍ର)-ବାଲେଶ୍ୱର ଜିଲା ଗୋପୀମୋହନପୁର ପଞ୍ଚାୟତର ବାସୁଳିଆ ଆଦିବାସୀ ସାହିର ମହିଳାମାନେ ଗୁରୁବାର ଅପରାହ୍ନରେ ତଳି ରୋଉଥିବା ବେଳେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ସୁନୀଲ ହେମ୍ବ୍ରମଙ୍କ ସ୍ତ୍ରୀ ସୋମବାରୀ (୩୬) ବଜ୍ରାଘାତରେ ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଜିକେଭଙ୍ଗର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲେ ହେଁ ଗୁରୁତର ହେବାରୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ନିକଟରେ ଏକ ମୋବାଇଲ ଥିବା ବେଳେ ତାଙ୍କ ବେକରେ ଏକ ଧାତୁ ନିର୍ମିତ ହାର ଥିବାରୁ ବଜ୍ରାଘାତରେ ସେ ଅଧିକ ଅସୁସ୍ଥ ହୋଇଥିବା ଜଣାଯାଇଛି।

